# ନାଗରା

"ସାହିତ୍ୟ ନୁହଁଇ ଖାଲି ଫୁର୍ତ୍ତି ଆଉ ବିଳାସର ଫୁଲ,
ଜାତିକୁ ଦେବ ସେ ମୁକ୍ତି, ତେବେ ଯାଇ ଚରମ ତା ମୂଲ।"
-ସଚ୍ଚି ରାଉତରାୟ



ଦ୍ୱିତୀୟ ସଂଖ୍ୟା
ଏପ୍ରିଲ - ଜୁନ୍ : ୨୦୨୦

ଜୀବନଧର୍ମୀ ସାହିତ୍ୟର ବାର୍ତ୍ତାବହ

ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟ

ରାଉରକେଲା

# ନାଗରା

## (ବିଷୁବ ବିଶେଷାଙ୍କ)

**ଏପ୍ରିଲ - ଜୁନ୍ ସଂଖ୍ୟା - ୨୦୨୦**


**ଦଶମ ବର୍ଷ - ଦ୍ୱିତୀୟ ସଂଖ୍ୟା**

**ଏପ୍ରିଲ - ଜୁନ୍ : ୨୦୨୦**

**: ପ୍ରକାଶକ :**

ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ, ରାଉରକେଲା

**: ଉପଦେଷ୍ଟା ମଣ୍ଡଳୀ :**

ଅଭୟ କୁମାର ଦାସ, ଅଧ୍ୟାପକ ସୁଧୀର ମିଶ୍ର,
ଡା: ଗୀତାଞ୍ଜଳି ପତ୍ରୀ, ଅଧ୍ୟାପକ ଶଙ୍କର ତ୍ରିପାଠୀ ଓ
ଡ: ଲଲାଟେନ୍ଦୁ ଦାସ ମହାପାତ୍ର

**: ସମ୍ପାଦକ ମଣ୍ଡଳୀ :**

ତ୍ରିନାଥ ସିଂହ, ରଶ୍ମିବାଳା ରାଉତରାୟ, ତ୍ରିଲୋଚନ ସ୍ୱାଇଁ

**: ପରିଚାଳନା ସମ୍ପାଦକ :**

ଚିତ୍ତରଂଜନ ବ୍ରହ୍ମା

**: ସହଯୋଗୀ :**

ଚିନ୍ତାମଣି ମହାଳିକ
ବିବିଧ ବିଶ୍ୱ

**: ଅଳଙ୍କରଣ :**

ଜ୍ୟୋତ୍ସ୍ନା କୁମାରୀ ନାଏକ

**: ପ୍ରଚ୍ଛଦ :**

କଲଚରାଲ ଏକାଡେମୀ
କଳା ବିଦ୍ୟାଳୟ

**: ସମ୍ପାଦକ :**

**ଭୂପେନ୍ ମହାପାତ୍ର**

**: ଯୋଗାଯୋଗ :**

ସମ୍ପାଦକ, **ନାଗରା**, କଥାଘର (ଏଲ/୪୫)
ଛେଣ୍ଡ କଲୋନୀ, ରାଉରକେଲା-୭୬୯୦୧୫
ଫୋନ୍ : ୦୯୪୩୭୬୪୯୯୮୦
ଇ-ମେଲ : bhupenmohapatra@gmail.com

ମୂଲ୍ୟ : ୩୦/- ଟଙ୍କା

**: ମୁଦ୍ରଣ :**

ଏସ୍ଏଲ୍ ପ୍ରିଣ୍ଟର୍ସ, ଛେଣ୍ଡ କଲୋନୀ, ରାଉରକେଲା - ୧୫


## ଲେଖକମାନଙ୍କ ପାଇଁ

୧. "ନାଗରା" ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା । ଏହା **ଜାନୁଆରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର** ମାସରେ ପ୍ରକାଶ ପାଏ ।

୨. ଏଥିରେ ମୌଳିକ ପ୍ରବନ୍ଧ, ଗଳ୍ପ, କବିତା, ପୁସ୍ତକ ଆଲୋଚନା, ଅନୁବାଦ, କ୍ଷୁଦ୍ର ନାଟକ, ଭ୍ରମଣ କାହାଣୀ, ସାକ୍ଷାତ୍କାର ଇତ୍ୟାଦି ପ୍ରକାଶ ପାଏ । ଅଣୁ ଗଳ୍ପକୁ ମଧ ଗ୍ରହଣ କରାଯାଏ ।

୩. **ନାଗରା ପ୍ରବୀଣ ତଥା ନବୀନମାନଙ୍କୁ ସ୍ଥାନ ଦେବ । କିନ୍ତୁ ନବୀନମାନଙ୍କୁ ଉତ୍ସାହିତ କରିବା ଆମର ଉଦ୍ଦେଶ୍ୟ ।**

୪. **ଲେଖାଗୁଡିକ ସୁନ୍ଦର ତଥା ସ୍ପଷ୍ଟ ଅକ୍ଷରରେ ଅଥବା ଡି.ଟି.ପି. କରି ପଠାଇବା ଭଲ । ଲେଖା ଶେଷରେ ନିଜର ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ସହ ଫୋନ ନମ୍ବର ରହିବ ।**

୫. ଏକାଥରେ ଏକାଧିକ ଲେଖା ଗ୍ରହଣୀୟ ହେବ ନାହିଁ କିମ୍ବା ଅମନୋନୀତ ଲେଖା ଫେରସ୍ତ ଦେଇ ହେବ ନାହିଁ । **ଜେରକ୍ସ କପିକୁ ମଧ ଗ୍ରହଣ କରାଯାଏ ନାହିଁ ।**

୬. ନାଗରା ସାହିତ୍ୟର ପ୍ରଗତିଶୀଳତାରେ ବିଶ୍ୱାସ କରେ । ସମସାମୟିକ ଘଟଣାବଳୀକୁ ନେଇ ଗଳ୍ପ, କବିତାକୁ ପ୍ରାଧାନ୍ୟ ଦିଆଯାଏ । ପ୍ରତ୍ୟେକ ଲେଖା ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ବିଚାର କରାଯାଏ । ତେଣୁ ଲେଖାର ସ୍ଥିତି ଜାଣିବା ପାଇଁ ଟେଲିଫୋନ୍ ନ କରିବାକୁ ଅନୁରୋଧ ।

୭. ଆମର ବେଙ୍କ ଆକାଉଣ୍ଟ ନମ୍ବର - State Bank of India, Chhend Colony, A/c No.31744758071, IFSC No. SBIN0005157, ନାଗରାର ବାର୍ଷିକ ଚାନ୍ଦା - ଟ.୨୦୦, କିନ୍ତୁ ପାଞ୍ଚବର୍ଷକୁ : ଟ.୫୦୦ । ଟଙ୍କା ପଇଠ କରି ଟେଲିଫୋନ୍‌ରେ କିମ୍ବା ପୋଷ୍ଟ କାର୍ଡରେ ଜଣାଇ ଦିଅନ୍ତୁ ।

୮. ପ୍ରକାଶିତ ଲେଖା ପାଇଁ ଲେଖକମାନେ ହିଁ ଦାୟୀ ରହିବେ । ଏବଂ କୌଣସି ଆଇନ୍ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ କେବଳ ରାଉରକେଲା କୋର୍ଟ ସୀମା ମଧ୍ୟରେ କରାଯାଇ ପାରିବ ।

# ସୂଚୀପତ୍ର


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ସମ୍ପାଦକୀୟ - ୧ | ଭୂପେନ୍ ମହାପାତ୍ର | ୦୩ |
| ସମ୍ପାଦକୀୟ - ୨ | ତ୍ରିନାଥ ସିଂହ | ୦୪ |


## ପ୍ରବନ୍ଧ ବିଭାଗ


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ବିଶ୍ୱ ବନ୍ଧୁତ୍ୱର ଏକ ଦାର୍ଶନିକ ଅନୁଶୀଳନ | ସଞ୍ଜିବ ଚନ୍ଦ୍ର ହୋତା | ୫ |
| ୨. ଫକୀର ମୋହନ ସେନାପତିଙ୍କ ଉପନ୍ୟାସ : ଏକ ଦୃଷ୍ଟି | ଡକ୍ଟର ଗୋପୀନାଥ ବାଗ | ୧୦ |
| ୩. ସାରଳା ମହାଭାରତରେ ଦଳିତ ଚେତନା | ନିବେଦିତା ଜେନା | ୧୯ |
| ୪. ଲକ୍ଷ୍ମୀ ପୁରାଣରେ ସମାଜସଂସ୍କାର ଚେତନା | ନନ୍ଦିକେଶ୍ୱରୀ ନାଥ | ୨୨ |
| ୫. ସାଂପ୍ରତିକ କବିତାରେ ଗାନ୍ଧି | ଡ. କଳ୍ପନା ମହାନ୍ତି | ୨୪ |


## ଗଳ୍ପ ବିଭାଗ


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ହଳେ ଜୋତା କିଣିବାର ପ୍ରତ୍ୟକ୍ଷ ବିବରଣୀ | ଅଖିଳ ମୋହନ ପଟ୍ଟନାୟକ | ୨୯ |
| ୨. ଜନନୀ ଓ ଜନ୍ମଭୂମି | ବିଭୂତି ପଟ୍ଟନାୟକ | ୩୩ |
| ୩. ଚାବୁକ୍ ପାଇଁ ଘୋଡ଼ା ନା ଘୋଡ଼ା ପାଇଁ ଚାବୁକ୍ | ରବି ସିଂ | ୩୭ |
| ୪. ମୃତ୍ୟୁକୁ ଅପେକ୍ଷା କରି ନଥିବା ମଣିଷ | କାର୍ତ୍ତିକ ସ୍ୱାଇଁ | ୩୯ |
| ୫. ଡକ୍ଟ୍ୟ ଡକ୍ଟ୍ୟ ଡଟ୍.... | ଜ୍ୟୋତ୍ସ୍ନା କୁମାରୀ ନାଏକ | ୪୨ |
| ୬. ଖରାବେଳର ଅତିଥି | ପ୍ରଫୁଲ୍ଲ ବାରିକ | ୪୬ |
| ୭. ନିଷିଦ୍ଧ ସ୍ୱପ୍ନ | ବିଜୟଲକ୍ଷ୍ମୀ ମହାନ୍ତି | ୪୮ |
| ୮. ପ୍ରକୃତିର ଶିକ୍ଷା | ରଶ୍ମିବାଳା ରାଉତରାୟ | ୫୦ |
| ୯. ଅନାଥ ଝିଅ | ମୂଳ ହିନ୍ଦୀ : ମୁନ୍ସୀ ପ୍ରେମଚାନ୍ଦ<br>ଓଡ଼ିଆ ଅନୁବାଦ : ମଞ୍ଜୁଳା ରଥ | ୫୨ |


## ଆତ୍ମ କଥା


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ମୋ ଆତ୍ମଜୀବନରୁ ଗୋଟିଏ ଅଧ୍ୟାୟ : ବନ୍ଧୁତାର ବନ୍ଧନ | ପ୍ରଫେସର ଧ୍ରୁବରାଜ ନାଏକ | ୫୬ |


## ପୁସ୍ତକ ଆଲୋଚନା


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ଫକୀର ମୋହନ - ଚର୍ଚ୍ଚା : ଆଦିପର୍ବ ଏକ ସମୀକ୍ଷଣ | ଡ. ନଗେନ୍ କୁମାର ଦାସ | ୫୮ |
| ୨. କଥାଶିଳ୍ପୀ ଭୂପେନ୍ ମହାପାତ୍ରଙ୍କ ପଚାଶ କ୍ଷୁଦ୍ରଗଳ୍ପ : ଏକ ଆଲୋଚନା | ମନ୍ଦାକିନୀ ଶତପଥୀ | ୬୧ |


## କବିତା


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ମୁକ୍ତିର ମହାପୁରୁଷ | ସୌଭାଗ୍ୟବନ୍ତ ମହାରଣା | ୬୪ |
| ୨. କିରିବୁରୁ | ଚିନ୍ତାମଣି ମହାଳିକ | ୬୪ |
| ୩. ନର୍କର ଦ୍ୱାର | ପ୍ର. ଗିରିଜା ଶଙ୍କର ଶର୍ମା | ୬୫ |
| ୪. ନୀରବତାର ଜିଭ | ସୁଶୀଲ କୁମାର ପାଣିଗ୍ରାହୀ | ୬୫ |
| ୫. ଏଇ ତ ଆହ୍ୱାନ | ବିନୋଦ | ୬୬ |
| ୬. ଭିନ୍ନ ଅନୁଭବ | ଜଳଧର ସ୍ୱାଇଁ | ୬୬ |
| ୭. ବନ୍ଧ୍ୟା ଆକାଶ | ପ୍ରଫୁଲ୍ଲ ସାମଲ | ୬୭ |
| ୮. ବିବର୍ତ୍ତନ | ସୁପ୍ରଭା ପରିଡା | ୬୭ |
| ୯. ତୃଷ୍ଣିକା | ରାଜଲକ୍ଷ୍ମୀ ତ୍ରିପାଠୀ | ୬୮ |
| ୧୦. କାହିଁକି ? ? ? | ଜୟଶ୍ରୀ ମହାନ୍ତି | ୬୮ |
| ୧୧. ମୋହ | ଶୋଭନା ଜେନା | ୬୮ |
| ୧୨. ନୀରବ ରାତ୍ରିର କବିତା | ଡକ୍ଟର ସିନ୍ଧୁସେନ୍ | ୬୯ |
| ୧୩. ମଇଖୁଣ୍ଟ | ସୁନୀଲ ମିଶ୍ର | ୬୯ |
| ୧୪. ହଁ, ଏଥର ଜବାବ୍ ଦବାକୁ ହବ | ଚିରରଂଜନ ବ୍ରହ୍ମା | ୭୦ |
| ୧୫. ସରିଆଠୁ ନିର୍ଭୟା ଯାଏ | ମାନସୀ କର | ୭୧ |
| ୧୬. ସ୍ୱାଗତ ନୂଆବର୍ଷ | ସୁମିତ୍ରା ମିଶ୍ର | ୭୧ |
| ୧୭. ଜୀବନ | ପ୍ରତାପ କୁମାର ନାୟକ | ୭୧ |


## ଗୀତି କବିତା


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. କେବେ କବିତା ଝରେ | ଡାକ୍ତର ଗୀତାଞ୍ଜଳି ପତ୍ରୀ | ୭୨ |
| ୨. କେଲେଣ୍ଡର | ଭୂପେନ୍ ମହାପାତ୍ର | ୭୨ |
| ୩. ସହରେ ବସନ୍ତ | ଜୟଶ୍ରୀ ମହାନ୍ତି | ୭୨ |

# ଫକୀର ମୋହନ ସେନାପତିଙ୍କ ଉପନ୍ୟାସ : ଏକ ଦୃଷ୍ଟି

ଡକ୍ଟର ଗୋପୀନାଥ ବାଗ

ଓଡ଼ିଆ ଉପନ୍ୟାସ ସୃଷ୍ଟି କ୍ଷେତ୍ରରେ ଫକୀରମୋହନଙ୍କ ଆବିର୍ଭାବ ଓଡ଼ିଆ ଉପନ୍ୟାସକୁ ଅତି ଦ୍ରୁତଗତିରେ ପୂର୍ଣ୍ଣ ପରିଣତି ଆଡକୁ ଆଗେଇ ନେଇଛି । ତାଙ୍କ ଉପନ୍ୟାସ ଯୁଗଚେତନା ଓ ମାନବ ଜୀବନକୁ ତୋଳି ଧରି ଅନନ୍ୟ ମୂଲ୍ୟବୋଧର ଶଙ୍ଖଧ୍ୱନି ଶୁଣାଇଛି । ଓଡ଼ିଆ ଉପନ୍ୟାସର ଆଦ୍ୟକାଳରେ ସେ ଉପନ୍ୟାସ ରଚନାରେ ବ୍ରତୀ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଅନତିକ୍ରମଣୀୟ ହୋଇ ରହିଛନ୍ତି । 'ସମୟ ଏକ ସ୍ୱୟଂସିଦ୍ଧ - ଶ୍ରେଷ୍ଠ କଳାକାର । ତା'ର ଅନନ୍ତ ଗତିପଥରେ ସେ ଗତି କରୁଥିଲାବେଳେ ସୃଷ୍ଟି କରିଥାଏ ନାନାଦି ବୈଚିତ୍ର୍ୟ । ଏହି ବୈଚିତ୍ର୍ୟ ହିଁ ସମୟର ସ୍ମାରକୀ, ତା'ର ସଫଳ ପ୍ରତିନିଧି । ଏହାକୁ ଆମ୍ଭେ ଯଶ ବା କୀର୍ତ୍ତି ଅର୍ଥରେ ବୁଝିଥାଉ । ବିନାଶଶୀଳ ପୃଥିବୀରେ ଯଶ କେବଳ ଅବିନାଶୀ - ଏହି ଅବିନାଶୀ ଯଶର ସ୍ରଷ୍ଟାଙ୍କୁ ସମୟ ସମ୍ମାନ ଦିଏ । ବଞ୍ଚେଇ ରଖେ କାଳକାଳକୁ । ଫକୀର ମୋହନ ଅମ୍ଳାନ କୀର୍ତ୍ତିର ଅଧିକାରୀ । ତାଙ୍କର କାଳଜୟୀ ସୃଷ୍ଟି ତାଙ୍କୁ ଅମର କରିଛି ।

'ଛଅ ମାଣ ଆଠଗୁଣ୍ଠ', 'ଲଛମା', 'ମାମୁଁ' ଓ 'ପ୍ରାୟଶ୍ଚିତ୍ତ' ଉପନ୍ୟାସରେ ସେ ମଣିଷ ଓ ସମାଜର ଚିତ୍ର ଦେଇଛନ୍ତି । ତାଙ୍କର ବହୁ ଚର୍ଚ୍ଚିତ ଉପନ୍ୟାସ ଛ'ମାଣ ଆଠଗୁଣ୍ଠରେ ଦୁଇଟି ବର୍ଗର ମଣିଷ ଦେଖିବାକୁ ମିଳେ ; ଯଥା - ଶୋଷିତ ଓ ଶାସକ । ସାରିଆ:, ଭଗିଆ, ଗୋବରା, ଶ୍ୟାମା, ମୁକୁନ୍ଦା, ଚେମୀ, ଚମ୍ପା, ରୁକୁଣୀ, ଟେରୀ, ନାକଫୋଡ଼ି ଓ ମରୁଆ ପ୍ରଭୃତି ଚରିତ୍ର ଶୋଷିତ ଗୋଷ୍ଠୀର ହୋଇଥିବାବେଳେ ଶୋଷକ ଗୋଷ୍ଠୀର ପ୍ରତିନିଧିତ୍ୱ କରନ୍ତି ବାଘ ସିଂ, ମଙ୍ଗରାଜ, ଦିଲ୍ଲୁମିଆଁ, ଆହିମିଆଁ, ରାମଲାଲା, ଡାକ୍ତର, ମାଜିଷ୍ଟ୍ରେଟ, ଜଜ୍ ସାହେବ ଓ ପୁଲିସ୍ ଦାରୋଗା ପ୍ରଭୃତି ଚରିତ୍ର । ଔପନ୍ୟାସିକ ସେନାପତି ଯେଉଁ ଗୋବିନ୍ଦପୁର, ବାଳିଆ ରତନପୁର, ରାମନଗର, ହାଣ୍ଡିଖାଇ ଓ ସଉତୁଣିଆ ମଉଜାର ନିରୀହ, ଶୋଷିତ ଓ ପୀଡ଼ିତ ଅଧିବାସୀଙ୍କ କଥା କହିଛନ୍ତି, ବ୍ୟାପକ ବିଚାରରେ ସେମାନେ ତତ୍କାଳୀନ ସମଗ୍ର ଦେଶର ପ୍ରପୀଡ଼ିତ ଜନତାର ପ୍ରତିନିଧି ।

"ଛ'ମାଣ ଆଠଗୁଣ୍ଠ ସିଆଣା ଜମିଟା କେବଳ ସିଆଣା ବା ଚତୁର ଗୋଷ୍ଠୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ତାକୁ ଗୋବିନ୍ଦ ଚନ୍ଦ ବା ଭଗି ଚନ୍ଦ ଭୋଗଦଖଲରେ ଅଧିକ କାଳ ରଖି ପାରିବେ ନାହିଁ । କାରଣ ସେମାନେ 'ଓଲୁ', ତାଙ୍କର ହଜାର ହଜାର ବର୍ଷ ପୂର୍ବର ବଂଶଧର ବି ଓଲୁ । ସେମାନେ ସେଇଥି ପାଇଁ ଚିରକାଳ ଶୋଷିତ ହୋଇଛନ୍ତି - ଆଲିମିଆଁ, ଦିଲ୍ଲୁମିଆଁ, ରାମଚନ୍ଦ୍ର ମଙ୍ଗରାଜ ଓ ଓକିଲ ରାମରାମ ଲାଲା ପ୍ରଭୃତିଙ୍କ ଦ୍ୱାରା । ଏମାନଙ୍କୁ ସାହାଯ୍ୟ କରିବା ପାଇଁ କୋର୍ଟ କଚେରି ଅଛି - ଥାନା ଅଛି - ଠେଙ୍ଗା ଅଛି - ଚାବୁକ୍ ଅଛି । ତେଣୁ ତ ଛ'ମାଣ ଆଠଗୁଣ୍ଠ ସିଆଣା ଜମିଟା ଚିରକାଳ - ସିଆଣା ଶୋଷକ ଗୋଷ୍ଠୀର ।।'

ସମୟ ଦୃଷ୍ଟିରୁ ବିଚାର କଲେ ଏହାର କଥାବସ୍ତୁ ଗତି କରିଛି ୧୮୦୦ ରୁ ୧୮୪୦ ମଧ୍ୟରେ । ଅର୍ଥାତ୍ ଇଂରେଜ ଶାସନର ପ୍ରଥମ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ହେଉଛି 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସର ସମୟ ପରିଧି । ଜମିଜମାର ବନ୍ଦୋବସ୍ତ ଫଳରେ ଏକ ନୂତନ ଜମିଦାର ଗୋଷ୍ଠୀର ଅଭ୍ୟୁଦୟ ଘଟିଛି । ସେମାନଙ୍କ ମାନସିକତାକୁ ଔପନ୍ୟାସିକ ଚିତ୍ରଣ କରିଛନ୍ତି ଏହି ଉପନ୍ୟାସରେ । ଆଧୁନିକ ଶିକ୍ଷାରୁ ବଞ୍ଚିତ ଓ ଶୋଷଣ ଏବଂ ଅତ୍ୟାଚାରକୁ ଆଶ୍ରୟ କରି ଗ୍ରାମରେ ରହୁଥିବା ନବ୍ୟ ଜମିଦାର ଶ୍ରେଣୀ ମାନବିକତାକୁ ଜଳାଞ୍ଜଳି ଦେଇ ହୀନ ସ୍ୱାର୍ଥରେ ମାତି ଉଠନ୍ତି । ଏହି ପାଷାଣମାନଙ୍କ ସଫଳ ପ୍ରତିନିଧିତ୍ୱ କରିଛି ରାମଚନ୍ଦ୍ର ମଙ୍ଗରାଜ । ଏଭଳି ସୈତାନୀ ଚରିତ୍ରମାନେ ଧାନ ଦେଢ଼ି ଓ ଟଙ୍କା ମହାଜନୀ କାରବାରରେ ଲିପ୍ତ ରହି ନିରୀହ ଜନତାକୁ ଜର୍ଜରିତ କରୁଥିବାର ନଗ୍ନ ଚିତ୍ର ରହିଛି ଆଲୋଚ୍ୟ ଉପନ୍ୟାସରେ । ଚମ୍ପା, ମରୁଆ, ଗୋବିନ୍ଦା, ଭଣ୍ଡାରୀ ତଥା ଚୌକିଦାର ପ୍ରଭୃତି ଖଳ ଚରିତ୍ର ରାମଚନ୍ଦ୍ର ମଙ୍ଗରାଜ ଭଳି ନିଷ୍ଠୁର, ନିର୍ମମ ଓ ନୃଶଂସ ଚରିତ୍ରର ପୁଷ୍ଟି ସାଧନ କରିଛନ୍ତି ।

ସାଧାରଣତଃ ଅର୍ଥନୀତିକ ସମସ୍ୟାକୁ ନେଇ ଗଢ଼ି ଉଠିଛି ସେନାପତିଙ୍କ ଉପନ୍ୟାସ । ଜମିଦାରୀ ଲୋଭରେ ମଙ୍ଗରାଜ ବହୁ ବର୍ବରୋଚିତ କାର୍ଯ୍ୟ କଳାପରେ ଜଡ଼ିତ ଥିବାବେଳେ ଧନ ଲୋଭରେ ଚମ୍ପା ଭ୍ରଷ୍ଟା ଓ କୁଟୀଳା ହୋଇ ସମାଜରେ ଆତ୍ମପ୍ରକାଶ କରିଛି । ଏହି ଉପନ୍ୟାସର ନାମକରଣ ହୋଇଛି ଜମିକୁ ନେଇ । ମାଟି ପାଇଁ ସଂଗ୍ରାମ ହୋଇଛି ଯୁଗେ ଯୁଗେ । ଆଜି ବି ମାଟି ପାଇଁ ସର୍ବତ୍ର ମଣିଷ ଯୁଝୁଥିବାର ଦୃଷ୍ଟାନ୍ତ କିଛି କମ୍ ନୁହେଁ ।

ପରଘର ଭାଙ୍ଗିବା ଏବେ ସୁଦ୍ଧା କୁର ହାତର ଅଭାବ ନାହିଁ ।

ସୂର୍ଯ୍ୟାସ୍ତ ଅଇନ୍ ବଳରେ ଓଡ଼ିଶାର ଜମିଦାରୀଗୁଡ଼ିକୁ ନାମମାତ୍ର ମୂଲ୍ୟରେ କଲିକତାରେ ନିଲାମ ହେଲା । ବୁନିୟାଦୀ ବିହୀନ ଜମିଦାର ଶ୍ରେଣୀ ସୃଷ୍ଟି ହେଲା ଓ ସେହି ସ୍ୱାର୍ଥପର ନବ୍ୟ ଜମିଦାରମାନଙ୍କ ଶିକାର ହେଲେ ନିରୀହ ପ୍ରଜା । ଜମିଦାରୀ ହାତଛଡ଼ା ହୋଇଯିବା ପରେ ବିପର୍ଯ୍ୟସ୍ତ ହୋଇ ପଡ଼ିଲେ କୁଳୀନ ଓ ବୁନିୟାଦୀ ସମ୍ପନ୍ନ ପରିବାର । ସେସବୁର ନିଖୁଣ ଚିତ୍ରରେ ଭରି ଉଠିଛି, "ଛ' ମାଣ ଆଠଗୁଣ୍ଠ" ଉପନ୍ୟାସ ।

ଭୂମି ସମସ୍ୟାକୁ ଏହାର ମୁଖ୍ୟ ସମସ୍ୟା ବୋଲି ଚିତ୍ରଣ କରା ଯାଇଥିବା ଏହି ଉପନ୍ୟାସରେ ରହିଛି ତଥାକଥିତ ଧନୀ-ଦରିଦ୍ରର ପ୍ରଭେଦ, କୂଟବୁଦ୍ଧି ସମ୍ପନ୍ନ ଜମିଦାର ଓ ଧୂର୍ତ୍ତା ନାରୀର ଚକ୍ରାନ୍ତ । ତନ୍ତୀ ସାହିର ବର୍ଣ୍ଣନା କରିବା ସମୟରେ ଔପନ୍ୟାସିକ ଉଲ୍ଲେଖ କରିଛନ୍ତି ଇଂରାଜୀ ଓ ଫରାସୀ ଜାତିର କଥା । ତନ୍ତୀମାନଙ୍କର ନିର୍ବୁଦ୍ଧିଆମିର ଏକ ବିଚାର ଉପସ୍ଥାପନ କରିବା ସମୟରେ ବ୍ରିଟିଶ୍ ପାର୍ଲିଆମେଣ୍ଟରେ ସେମାନେ କିଭଳି ପ୍ରତିଦ୍ୱନ୍ଦ୍ୱୀ ହୋଇ ପାରିଛନ୍ତି ତା'ର ଦୃଷ୍ଟାନ୍ତ ଦେଇଛନ୍ତି ଫକୀର ମୋହନ ।

ଏହି ଉପନ୍ୟାସରେ ଜୀବନକୁ ବେଶ୍ ଅନୁଭବ କରିହୁଏ । ମଙ୍ଗରାଜର ଅତୀତ ପରିଚୟ ଅସ୍ପଷ୍ଟ । ଅର୍ଥାଭାବରୁ ବାପାର ଶୁଦ୍ଧିକ୍ରିୟା କରି ପାରିନଥିବା ଦରିଦ୍ର ନିଃସହାୟ ବାଳକ ପରବର୍ତ୍ତୀ ସମୟରେ ନିଜ ଦୁଷ୍ଟବୁଦ୍ଧି ଦ୍ୱାରା ଜମିଦାର ମଙ୍ଗରାଜ ହୋଇ ପାରିଛି । ବିଦ୍ୟାର ଅଭାବ ଥିବା ସତ୍ତ୍ୱେ ହୀନବୁଦ୍ଧି ଓ ଚକ୍ରାନ୍ତ କରି ଅନ୍ୟର ବିତ୍ତ ଅପହରଣ କରିବା ସହିତ ଫତେପୁର ସରଖଣ୍ଡ ଜମିଦାରୀକୁ ଶେଖ ଦିଲଦାର ମିଆଁଠାରୁ ହସ୍ତଗତ କରି ପାରିଛି । ସେ ଅଞ୍ଚଳର ସମସ୍ତ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ଆଣିବା ପାଇଁ ସେ ହୋଇ ଉଠିଛି ତତ୍ପର । ତା'ର ଛଞ୍ଚାଣ ଦୃଷ୍ଟିରୁ ନିସ୍ତାର ପାଇ ନାହାନ୍ତି ସାରିଆ ଭାଗିଆ । ସେମାନଙ୍କର ଛା'ମାଣ ଆଠଗୁଣ୍ଠ ଜମି ଚାଲିଯାଇଛି ମଙ୍ଗରାଜର ହାତମୁଠାକୁ ।

ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ଲୋକବିଶ୍ୱାସର ଚିତ୍ର ଦେଖିବାକୁ ମିଳେ ଫକୀର ମୋହନଙ୍କ ଏହି ଉପନ୍ୟାସରେ । ମନୋବାଞ୍ଛା ପୂରଣ କରିବା ସକାଶେ ଲୋକେ ନାନାଦି ବ୍ରତ ପାଳନ କରିବା ସହିତ ବିବିଧ ମାନସିକ କରନ୍ତି । ନିଃସନ୍ତାନ ଭାଗିଆର ସ୍ତ୍ରୀ ସାରିଆକୁ ମନ୍ଦିର ତୋଳିବାକୁ ଫୁସୁଲାଇଛି ଚମ୍ପା । ଚମ୍ପା ଜାଣିଛି ମନ୍ଦିର ତୋଳାଇବା ପାଇଁ ଅଛି ଟଙ୍କାର ଆବଶ୍ୟକତା । ଏତେ ଟଙ୍କା ଭାଗିଆ ଯୋଗାଡ଼ କରିବା ସମ୍ଭବ ନୁହେଁ । ସନ୍ତାନ ଓ ସୁଖ ପ୍ରାପ୍ତିର ଆଶା ଦେଖାଇ ସେ ଅସୁରଦୀଘିର ସେହି ବୁଢ଼ୀ ମଙ୍ଗଳା ନିକଟରେ ସାରିଆକୁ କହିଛି – "ବୁଢ଼ୀ ମଙ୍ଗଳା ସବୁର ମୂଳ, ତାଙ୍କ ଆଜ୍ଞାରେ ପୃଥ୍ୱୀ ଚଳୁଚି, ସଂସାର ଆତଯାତ ହେଉଛି । ତାଙ୍କ ଆଜ୍ଞା କି ଅନାସ୍ଥା ହେବ ? କେତେ ବାର ବରତ କରି ଦେବୀଙ୍କ ଆଜ୍ଞା ପାଇଚ । ତୁମର ଖୁବ୍ ଭାଗ୍ୟ । ଏଡ଼େ ଭାଗ୍ୟ କାହିଁ ଦେଖିବାର ନାହି ପରା । ଏକା ସାଆନ୍ତଙ୍କ ଘର ଉପରେ ଦୟା ଥିଲା । ଏବେ ତୁମ ଉପରେ ହେଲେ । ତୁମେ ମଙ୍ଗଳାଙ୍କ ମନ୍ଦିରଟା ବନାଇ ଦିଅତ, ଦେଖିବ – ତୁମ ଘର ଲକ୍ଷ୍ମୀ ଭଣ୍ଡାର ହୋଇଯିବ । ପଣ ପଣ କାହାଣ କାହାଣ ଟଙ୍କା କାହୁଁ ଆସି ଘରେ ପଶିବ । ଧାଡ଼ି ଧାଡ଼ି ଧାନ ମରେଇ ବସିଯିବ । ଭଗବାନ କି ଆଉ ତନ୍ତ ବୁଣିବ ? ତମ ପଛରେ ଦଶଜଣ ପୋଇଲି ଗୋଡ଼ାଇବେ । ତମେ ମଙ୍ଗଳାଙ୍କ ଆଜ୍ଞା ମାନ । ଯେପରି ହେଉ ମନ୍ଦିରଟା ବନେଇ ଦିଅ । ଟଙ୍କା ସକାଶେ ଭାବନା କ'ଣ ଅଛି ? ମଙ୍ଗଳାଙ୍କ ନାଁ ଶୁଣିଲେ ଟଙ୍କା କିଏ ନ ଦେବ ? ଆଉ କୁଆଡ଼େ କ୍ୟାଁ ଖୋଜିବ ? ମଙ୍ଗରାଜଙ୍କ କାନରେ ପଡ଼ିଲେ ରାତି ଅଧରେ ଟଙ୍କା ଗଣିଦେବେ । ସେ କଥାରେ ମୁଁ ଲଗା ହେଲି । ମୁଁ ଟଙ୍କା ଆଣି ଦେବି । ତୁମକୁ କିଛି କରିବାକୁ ପଡ଼ିବ ନାହିଁ । ବେଶୀ ଟଙ୍କା ଲୋଡ଼ା ନାହିଁ ଦେଢଶ ଟଙ୍କା ହେଲେ ଖବ୍ ଗୋଟାଏ ବଡ଼ ମନ୍ଦିର ହୋଇଯିବ । କେନ୍ଦ୍ରାପଡ଼ାରେ ଯେ ବଳଦେବଙ୍କ ମନ୍ଦିର ଅଛି, ଠିକ ସେତିକି ଉଞ୍ଚ ତେତିକି ଚଉଡ଼ା ହେବ । ତମ ଛ'ମାଣ ଆଠଗୁଣ୍ଠ ଜମି କଣ୍ଟ ଲେଖିଦେବ । ମୁଁ ଟଙ୍କା ଆଣିଦେବି ।[୩]

ଚତୁରୀ ଚମ୍ପାକୁ ଜଣାଥିଲା ଯେ ଭାଗିଆ କେବେ ଟଙ୍କା ଫେରେଇ ପାରିବ ନାହିଁ ଓ ମଙ୍ଗରାଜ ଆରାମ୍‌ରେ ସେ ଜମିର ଭୋଗ ଦଖଲ କରିବ । ଏତେ ବର୍ଷ ତଳର ରଚନାର ସତ୍ୟତା ଏବେବି ଦେଖିବାକୁ ମିଳେ । ଚମ୍ପା ଭଳି ଚରିତ୍ରମାନେ ସାରିଆମାନଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖେଇ ତାଙ୍କ ଜୀବନକୁ ବିପର୍ଯ୍ୟସ୍ତ କରି ଦିଅନ୍ତି ।

ଚମ୍ପା ଭଳି ଧୂର୍ତ୍ତା ନାରୀର ଚକ୍ରାନ୍ତକୁ ବୁଝି ପାରେନାହିଁ ସରଳା ଓ ନିରୀହା ସାରିଆ । ଜମି ଖଣ୍ଡକ ଅଚିରେ ମିଶିଯାଏ ମଙ୍ଗରାଜର ଅଚଳାଚଳ ସମ୍ପତ୍ତି ଭିତରେ । ସାରିଆର ଗୁଣ୍ଡୁଣୀ ହାତୀ ପରି ଗାଈ ନେତକୁ ନିଜ ଗୁହାଳରେ ବାନ୍ଧି ରଖେ ମଙ୍ଗରାଜ ।

ଓକିଲ ରାମରାମ ଲାଲା ଚରିତ୍ର ମାଧ୍ୟମରେ ତତ୍କାଳୀନ ଓକିଲମାନଙ୍କ ସ୍ୱରୂପକୁ ଔପନ୍ୟାସିକ ଦେଖାଇଛନ୍ତି ଏହି ଉପନ୍ୟାସରେ । ମହକିଲମାନଙ୍କୁ ଓକିଲ ମାନେ କିପରି ଶୋଷଣ

କରୁଥିଲେ ତାର ନମୁନା ମିଳେ ଏହି ଚରିତ୍ର ଜରିଆରେ । ମଙ୍ଗରାଜକୁ ସେ କହେ, "ଶୁଣୁଚ ତ ମଙ୍ଗରାଜେ । ସହଜ କଥା ନୁହେଁ, ବରକନ୍ଦାଜ ଠାରୁ ହାକିମ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରିବାକୁ ହେବ । ମାମଲା ଯେପରି ଟାଣ, ଆଉ କେହି ଓକିଲ ହୋଇଥିଲେ ନଗଦ ଦଶହଜାର ଧରି ମଧ ମୁହଁ ଦେଇପାରନ୍ତା ନାହିଁ । ମୁଁ ବୋଲି ଏଥିରେ ପଶୁଛି । ଆପଣ ଯେତେବେଳେ ଧର୍ମବାପ ବନେଇଲେଣି, ଆଉ କ'ଣ ଭସାଇ ଦେବି ? ଆଚ୍ଛା; ଏହି ମାମଲରେ ଯେତେ ଟଙ୍କା ଖରଚ ହେବ, ମୁଁ କରୁଛି । ଏଥିରେ ତ ଦଶ ହଜାରରୁ ପଇଟାଟି ଊଣା ନୁହେଁ । ଆପଣଙ୍କ ଜମିଦାରୀ ମୋତେ କଣ୍ଟ କବଲା ଲେଖି ଦିଅନ୍ତୁ । ସବୁ ଟଙ୍କା ଏବେ ଖରଚ ହୋଇଯିବ, ଏପରି ନୁହେଁ । ଆପଣ ଖଲାସ ହେଲେ ମୁଁ କଡ଼ା ଗଣ୍ଡା ହିସାବରେ ବୁଝାଇଦେବି ।'(୪) । ଏବେ ବ ରାମରାମ ଲାଲାର କୁପ୍ରବୃତ୍ତିର ଅନ୍ତ ଘଟି ନାହିଁ । ଏହା ପ୍ରତିଫଳନ ଘଟୁଛି ବର୍ତ୍ତମାନର ଓକିଲମାନଙ୍କ ସ୍ୱରୂପରେ ।

ଫକୀର ମୋହନ ପୁରୁଷ ଚରିତ୍ରକୁ ସଇତାନ ଓ ଦେବତ୍ୱ ଭାବରେ ଚିତ୍ରଣ କରିଥିବାବେଳେ ନାରୀ ଚରିତ୍ରକୁ ମଧ ଦୁଇ ଭାଗରେ ବର୍ଣ୍ଣନା କରିଛନ୍ତି । ଗୋଟିଏ ଗୋଷ୍ଠୀର ନାରୀ ନିରୀହ, ସରଳା, ପତି ପରାୟଣା ଓ ପରଦୁଃଖ କାତର ହୋଇଥିବା ବେଳେ ଅପର ଗୋଷ୍ଠୀର ନାରୀ ସ୍ୱାର୍ଥସାଧିନୀ, କୂଟନୀତିସମ୍ପନ୍ନା ଓ କାମୁକା । ପ୍ରଥମ ଗୋଷ୍ଠୀର ନାରୀର ରୂପାୟନ ଘଟିଛି ସାଆନ୍ତାଣୀ ଚରିତ୍ରରେ । 'ସାଆନ୍ତାଣୀଙ୍କ ବ୍ୟକ୍ତିତ୍ୱ ଭିତରେ ଅପ୍ରାପ୍ତିରେ ଏକ ବେଦନା ବିଧୂର ରୂପ ପରିଦୃଷ୍ଟ ହୋଇଥାଏ । ସକଳ ସୁଗୁଣର ମୂର୍ତ୍ତୀମତୀ ଦେବୀ ସାଆନ୍ତାଣୀ ମଙ୍ଗରାଜଙ୍କର ଶୀତଳ ଉଦାସୀନତାର ଶିକାର । ତଥାପି ମଙ୍ଗରାଜଙ୍କ ଜୀବନ ମଧରେ ତାଙ୍କର ସ୍ଥାନ ସୁନିର୍ଦ୍ଦିଷ୍ଟ । ଅନ୍ୟାୟର ନିରବ ପ୍ରତିବାଦରେ ଅନ୍ନଜଳ ଗ୍ରହଣ ନ କରି ସାଆନ୍ତାଣୀ ରାଧାଷ୍ଟମୀ ଦିନ ପ୍ରାଣତ୍ୟାଗ କରିଛନ୍ତି । (୫)

ସାଆନ୍ତାଣୀ ଚରିତ୍ର ମାଧମରେ ଔପନ୍ୟାସିକ ଫକୀରମୋହନ ସତ୍ ଉପଦେଶ ଦେଇଛନ୍ତି ମଙ୍ଗରାଜକୁ । କିନ୍ତୁ ମଙ୍ଗରାଜର ପ୍ରକୃତିରେ କୌଣସି ପ୍ରଭାବ ପକାଇ ନାହିଁ । ସାଆନ୍ତାଣୀର ଅନୁରୋଧ ଅପେକ୍ଷା ଚମ୍ପାର ପ୍ରରୋଚନାରେ ସେ ମଜ୍ଜି ଯାଇଛନ୍ତି । ମଙ୍ଗରାଜର ଧର୍ମ ପତ୍ନୀ ସାଆନ୍ତାଣୀ ଜଣେ ଆଦର୍ଶସ୍ଥାନୀୟା ନାରୀ । ଲୋକଙ୍କ ପାଇଁ ଅଛି ତାର ଶ୍ରଦ୍ଧା ଓ ଅନୁକମ୍ପା । ଲୋକଙ୍କ ବେଦନାକୁ ସେ ସହ୍ୟ କରିପାରେ ନାହିଁ । ଘରେ ଅଚଳାଚଳ ସମ୍ପତ୍ତି ଥିବା ସତ୍ତ୍ୱେ ଏ ଚରିତ୍ର ସୁଖୀ ନୁହେଁ । ଅତ୍ୟାଚାରୀ ଓ ବିପଥଗାମୀ ସ୍ୱାମୀକୁ ସୁପଥକୁ ଫେରାଇ ଆଣିବାକୁ ଅଶେଷ ଚେଷ୍ଟା କରି ମଧ ସେ ସଫଳତା ପାଇ ନାହିଁ ।

ଜୀବଦ୍ଦଶାରେ ମଣିଷ ତା'ର କୃତ କର୍ମ ଫଳ ଭୋଗ କରିଥାଏ । ପରସ୍ୱ ଅପହରଣ କରିନେଇ ପୈଶାଚିକ ସୁଖରେ ତଲ୍ଲୀନ ଥିବା ମଙ୍ଗରାଜର ପରିଣାମ ଭୟଙ୍କର ହୋଇଛି । ସାରିଆ ଭାରିଆକୁ ପ୍ରତାରଣା କରି ଛ'ମାଣ ଆଠଗୁଣ୍ଠ ଜମିକୁ ହଡ଼ପ୍ କରିଥିବା ମଙ୍ଗରାଜ ଖୋଦ୍ ଠକାମୀର ଶିକାର ହୋଇଛି । ଓକିଲ ରାମରାମ ଲାଲ ହାତରୁ ସେ ନିସ୍ତାର ପାଇ ନାହିଁ । ଜୀବନରେ ବହୁ ଲୋକଙ୍କୁ ପ୍ରତାରିତ କରିଥିବା ମଙ୍ଗରାଜ ଓକିଲ ରାମରାମ ଲାଲ୍ ଦ୍ୱାରା ପ୍ରତାରିତ ହୋଇଛି । ଜୀବନରେ ତା'ର ଆସିଛି ଭୟଙ୍କର ବିପର୍ଯ୍ୟୟ । ତା'ର ପୁଅମାନେ ନାନାଦି କୁକାର୍ଯ୍ୟରେ ଲିପ୍ତ ରହିଛନ୍ତି । ଚମ୍ପା ଓ ଗୋବିନ୍ଦ ଉଆସରୁ ସମସ୍ତ ଧନରତ୍ନ ନେଇ ପଳେଇଛନ୍ତି । ମଙ୍ଗରାଜର ଗାଈ ବଳଦମାନଙ୍କୁ ନେଇ ପଳାଇଛନ୍ତି ଚାକର ବାକର ।

ନିଜ ପ୍ରତାପରେ ଧରାକୁ ସରା ମନେ କରି ରତନପୁରର ଯେଉଁ ନିରୀହ ଡମମାନଙ୍କୁ ସେ ବିନା ଦୋଷରେ ଜେଲ୍ ପଠାଇଥିଲା, ଜେଲ୍‌ରେ ସେମାନଙ୍କ ସହ ଏକାଠି ରହିଛି ଓ ସେମାନଙ୍କ ଠାରୁ ବିଧା ଗୋଇଠା ଖାଇଛି ଘଣା ପେଲିବା ସମୟରେ । ପାଗଳ ଭଗିଆ ତା'ର ନାକକୁ କାମୁଡ଼ି ରକ୍ତାକ୍ତ କରି ଦେଇଛି । ଶେଷ ପର୍ଯ୍ୟାୟରେ ସର୍ବସ୍ୱ ହରାଇ ସେ ଚେତାଶୂନ୍ୟ ହୋଇ ପଡ଼ିଛି ଅଗଣାର ତୁଳସୀ ଚଉରା ମୂଳରେ । 'ଅଥର୍ବ ବିତ୍ତ ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ' ଉକ୍ତିର ସତ୍ୟତାକୁ ଅନୁଭବ କରି ହୁଏ ଏହି ଉପନ୍ୟାସର ପରିଣତିରେ ।

ଖଳନାୟିକା ଚମ୍ପାର ଶେଷ ପରିଣତି ଅତ୍ୟନ୍ତ ଭୟାବହ । ମଙ୍ଗରାଜ ଜେଲ ଯିବା ସମୟରେ ସେ କୁମ୍ଭୀର କାନ୍ଦଣା କାନ୍ଦି ଭଣ୍ଡାର ଘରର ଚାବି ହସ୍ତଗତ କରିଛି । ମଙ୍ଗରାଜର ଟଙ୍କା ସୁନା ନେଇ ଗୋବିନ୍ଦା ଭଣ୍ଡାରୀ ସହିତ ପଳାୟନ କରିଛି କିନ୍ତୁ ସେଥିରୁ ତା'କୁ (ଗୋବିନ୍ଦାକୁ) ଭାଗ ଦେବା ପାଇଁ ଚମ୍ପା ପ୍ରସ୍ତୁତ ନୁହେଁ । ତା'ର ଧିକ୍‌କାର ବଚନରେ କ୍ରୋଧିତ ହୋଇଛି ଗୋବିନ୍ଦା ଓ ଖୁର ସାହାଯ୍ୟରେ ତାକୁ ହତ୍ୟା କରିଛି । ଚମ୍ପାର ହତ୍ୟା ଘଟାଇ ସୁଦ୍ଧା ଔପନ୍ୟାସିକ ସେନାପତୀ ସନ୍ତୁଷ୍ଟ ନୁହନ୍ତି । ଜୀବଦ୍ଦଶାରେ ହିଂସ୍ର ଓ ଭୟଙ୍କର ଥିବା ଚମ୍ପା ମୃତାବସ୍ଥା ଆହୁରି ଦେଖାଯାଇଛି ବୀଭତ୍ସ । ଜମାଦାରର ହୁକୁମରେ ଦୁଇଜଣ ହାଡ଼ି ଲାସ୍ ଗୋଡ଼ରେ ଦଉଡ଼ି ବାନ୍ଧି ଘୋଷାରି ଘୋଷାରି ନଈ ପଠା

ଆଡ଼କୁ ନେଇଛନ୍ତି । ତା' ଦେହରୁ କାଢ଼ି ଦିଆଯାଇଛି ପାଟଶାଢ଼ୀ । ସେ ପିନ୍ଧିଥିବା ପାହୁଡ଼ କାଢ଼ି ନେବା ପାଇଁ କୁରାଢ଼ି ସାହାଯ୍ୟରେ ଲାସ୍‌ର ଦୁଇଗୋଡ଼ର ଗୋଛି ହାଣି ଦେଇଛନ୍ତି । ଲାସ୍‌ଟା ଫୁଲି ଦୁଇଗୁଣ ମୋଟା ପରି ଦିଶିଛି ।

ଫକୀର ମୋହନଙ୍କ ମାମୁଁ ଉପନ୍ୟାସରେ ରହିଛି ମାନବ ଜୀବନ ଓ ସମାଜର ଚିତ୍ର । ଏଥିରେ ନାଜର ନଟବର ସତେ ଯେମିତି ମଙ୍ଗରାଜର ନୂତନ ସଂସ୍କରଣ । ମଙ୍ଗରାଜର ଶୋଷଣ ଥିଲା ଗ୍ରାମ୍ୟଭିତ୍ତିକ । କିନ୍ତୁ ନାଜର ନଟବରର ଅମାନୁଷିକତା ଆହୁରି କଦର୍ଯ୍ୟ ହୋଇଉଠିଛି । ନିଜ ବିଧବା ଭଉଣୀ ଓ ବାପ ଛେଉଣ୍ଡ ଭଣଜାକୁ ସେ ସର୍ବସ୍ୱାନ୍ତ କରି ଦେଇଛି ।

ଏଣ୍ଟ୍ରାନସ୍ ପାଶ୍ କଲା ନଟବରକୁ ତା' ବାପା ଦାଶରଥି ଦାସ ନାଜରାତି କାର୍ଯ୍ୟରେ ରଖେଇ ଦେଇଥାନ୍ତି । ପୁତ୍ର ନାନାଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ତାକୁ ବିବାହ କରିଦେବା ଉଚିତ୍ ଭାବନ୍ତି । ବିଶାଖା ଦେଈର କୋଷ୍ଠୀରେ ରାଜରାଣୀ ହେବାର ଯୋଗ ଥିବାରୁ ତାକୁ ବିବାହ କରିବାକୁ ସେ ଜିଦ୍ ଧରେ । ବାପାଙ୍କ ମୃତ୍ୟୁ ପରେ ନିଜ କର୍ମସ୍ଥଳକୁ ଯାଇ ବିଶାଖା ଦେଈକୁ ନେଇ ଆସେ । ଚିତ୍ରକଳା ସହିତ ତାର ଅନୈତିକ ସମ୍ପର୍କ ରହିଛି । ବିଶାକାକୁ ଭୁଲେଇବା ପାଇଁ ଚିତ୍ରକଳା ଜଣେ ଧନୀ ଘରର ବୋହୂ ଓ ତା'ର ଆଉ କୌଣସି ସମ୍ପର୍କୀୟ ନଥିବା ସବୁ ସମ୍ପତ୍ତି ଆପଣାର ହୋଇଯିବ ବୋଲି କହେ ।

ନରିପୁର କିଲ୍ଲାର ଅଧୀଶ୍ୱର ପ୍ରତାପ ଉଦିତ ମଲ୍ଲ ଉଇରରାଏ ମୃତ୍ୟୁବରଣ କରିବାରୁ ତାଙ୍କ ବିଧବା ପତ୍ନୀ ତଥା ନଟବରର ଭଉଣୀ ଚାନ୍ଦମଣି ନାମରେ କିଲ୍ଲାକୁ ଲେଖାଇନିଏ ନଟବର । ଏଥିପାଇଁ ମିଃ ଡାଉସନ୍ ସାହେବଙ୍କ ପାଖରେ ତା'କୁ ସତମିଛ କହିବାକୁ ହୁଏ । ନାମକୁ ମାତ୍ର ଅଧିକାରିଣୀ ଚାନ୍ଦମଣି ହୋଇଥିବାବେଳେ ପ୍ରକୃତ ଶାସକ ହୋଇଥାଏ ନଟବର । ନରିପୁର କିଲ୍ଲାକୁ ସେ ଶୋଷଣ କରି ଚାଲିଛି । ଚିତ୍ରକଳାର ସହାୟତାରେ ଚାନ୍ଦମଣିର ଅଳଙ୍କାର ପୋଟଳା ଚୋରି କରି ନେଇଛି । ଯେଉଁ ଚନ୍ଦ୍ରମଣିକୁ ସେ ଭରସା କରିଛି, ସେହି ଚନ୍ଦ୍ରମଣିର ସହାୟତାରେ ପ୍ରଭୁଦୟାଲ ପାଞ୍ଚ ହଜାର ଟଙ୍କା ନାଜର ସିନ୍ଦୁକରୁ ଚୋରି କରି ନେଇଛି । ନାଜର ନଟବର ସରକାରୀ ଟଙ୍କା ତୋଷରପାତରେ ଗିରଫ ହୋଇଛି । ହାଜତରେ ଥିବାବେଳେ ତା'ର ହୃଦୟରେ ପରିବର୍ତ୍ତନ ଆସିଛି । ଅନୁତାପ ଅଶ୍ରୁର ଅନଳରେ ସେ ସତେ ଯେମିତି ଶୁଦ୍ଧ ସୁବର୍ଣ୍ଣ ପାଲଟି ଯାଇଛି ।

ପତିତ ଉତ୍କଳର ସମାଜ ଉପରେ ଆଧାରିତ ହୋଇଛି 'ଲଛମା' ଉପନ୍ୟାସ । ଉତ୍କଳର ସର୍ବସ୍ୱକୁ ଲୁଣ୍ଠନ କରି ନେଇଛନ୍ତି ମରହଟ୍ଟାମାନେ ୧୭୨୦ ରୁ ୧୮୦୩ ପର୍ଯ୍ୟନ୍ତ ସମୟ ମଧ୍ୟରେ । ମରହଟ୍ଟାମାନଙ୍କ ଦୌରାତ୍ମ୍ୟରେ ଭୟଭୀତ ହୋଇଛି ଉତ୍କଳ ସମାଜ । 'ଲଛମା' ହେଉଛି ଏକ ଐତିହାସିକ ଉପନ୍ୟାସ । ଓଡ଼ିଆ ସାହିତ୍ୟର ଏହା ହେଉଛି ସର୍ବପ୍ରଥମ ଉପନ୍ୟାସ । ୧୭୪୦ ମସିହାରୁ ୧୮୦୦ ମସିହା ମଧ୍ୟରେ ବର୍ଗୀମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିବା ଓଡ଼ିଶାର ଚିତ୍ର ଏଥିରେ ରହିଛି । ଏହା ଇତିହାସର ଘଟଣା ସହିତ କାଳ୍ପନିକ ଚରିତ୍ର ଓ ଘଟଣାର ମିଶ୍ରଣରେ ଚିତ୍ରିତ ହୋଇଛି ।

ଛତିଶଗଡ଼ରୁ ଆସିଥିବା ଜଗନ୍ନାଥ ଦର୍ଶନାଭିଳାଷୀ ଯାତ୍ରା ଦଳରେ ଥା'ନ୍ତି ପ୍ରେମିକ କାଜଲ ଓ ପ୍ରେମିକା ଲଛମା । ବର୍ଗୀମାନଙ୍କ ରାହାଜାନୀ ଘଟିବାରୁ ଏହି ଯାତ୍ରୀମାନେ ନାନାଦି ଅବର୍ଣ୍ଣନୀୟ କଦର୍ଯ୍ୟ ଅବସ୍ଥା ଭୋଗନ୍ତି । ଉପନ୍ୟାସ ପ୍ରାରମ୍ଭରୁ କାଜଲ ଓ ଲଛମା ମଧ୍ୟରେ ବିଛେଦ ଘଟେ ରାଇବଣିଆ ଦୁର୍ଗରେ ମାନ୍ଧାତାଙ୍କ ପାଖରେ । ରାଇବଣିଆ ଦୁର୍ଗର ମାନ୍ଧାତା ଓ ତାଙ୍କ ପତ୍ନୀ କନ୍ୟାଜତ୍ ଲଛମାକୁ ପ୍ରତିପାଳନ କରନ୍ତି । କିନ୍ତୁ ଅନ୍ୟ ଏକ ଆକ୍ରମଣରେ ବର୍ଗୀମାନଙ୍କ ଦ୍ୱାରା ରାଇବଣିଆ ଦୁର୍ଗର ପତନ ଘଟେ ଓ ଦୁର୍ଗାଧିପତିଙ୍କର ମୃତ୍ୟୁ ହୁଏ, ଆତ୍ମହତ୍ୟା କରନ୍ତି ତାଙ୍କ ପତ୍ନୀ । ପୁରୁଷ ବେଶରେ ଲଛମା ଆତ୍ମରକ୍ଷା କରିବା ପାଇଁ ପଳାୟନ କରେ । ଯେଉଁ ଭାସ୍କର ପଣ୍ଡିତ ବାରମ୍ବାର ରାଇବଣିଆ ଦୁର୍ଗକୁ ଆକ୍ରମଣ କରିଛି ଓ ଏଭଳି କାଣ୍ଡ ଭିଆଇଛି, ତା'କୁ ହତ୍ୟା କରିବାକୁ ସେ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥାଏ ।

ଘଟଣାକ୍ରମରେ ଲଛମାର ପ୍ରେମିକ ବାଦଲ ସିଂହ ଅଲିବର୍ଦ୍ଦି ଖାଁଙ୍କର ପ୍ରିୟପାତ୍ର ହୋଇଥାଏ । ସେ ମଧ୍ୟ ନିଷ୍ପତ୍ତି ନେଇଥାଏ ଭାସ୍କର ପଣ୍ଡିତକୁ ହତ୍ୟା କରିବାକୁ । ଔପନ୍ୟାସିକ ସେନାପତି ଏହି ପ୍ରେମିକ-ପ୍ରେମିକାର ମିଳନ ଘଟାଇଛନ୍ତି ।

'ପ୍ରାୟଶ୍ଚିତ' ଉପନ୍ୟାସରେ ଅଛି ଧର୍ମଭିତ୍ତିକ ସମାଜବାଦୀ ଚିତ୍ର । ଏହି ଉପନ୍ୟାସରେ ତତ୍‌କାଳୀନ ଓଡ଼ିଶାର ନବଶିକ୍ଷିତ ଯୁବ ସମାଜ କିପରି ନିଜ ପରମ୍ପରା ପ୍ରତି ବୀତସ୍ପୃହ ହୋଇ ସାଂସ୍କୃତିକ ଅବକ୍ଷୟ ଘଟାଇଛନ୍ତି ତା'ର ଚିତ୍ର ରହିଛି । ନିଜ କୁଳଦେବତାଙ୍କ ପାଖରେ ଧାରଣା ପଡ଼ି ସାମନ୍ତ ବୈଷ୍ଣବ ଚରଣଙ୍କ ପତ୍ନୀ ହରପ୍ରିୟା ଦେବୀ ଗୋଟିଏ ପୁତ୍ର ସନ୍ତାନ ଜନ୍ମ କରିଥିବାରୁ ସେହି ଦେବତାଙ୍କ ନାମାନୁସାରେ ପୁତ୍ରର ନାମ ରଖାଯାଏ ଗୋବିନ୍ଦ ଚନ୍ଦ୍ର । ସେହି ଗୋବିନ୍ଦ ଚନ୍ଦ୍ର ଆଧୁନିକ ଶିକ୍ଷାପ୍ରାପ୍ତ

ହୋଇ ନିଜେ ପତ୍ନୀ ନିର୍ବାଚନ କରେ । ଶ୍ୱଶୁରଙ୍କ ଚକ୍ରାନ୍ତରେ ତା'କୁ ମାଡ଼ ଖାଇବାକୁ ପଡ଼େ । ଶେଷରେ ସେ ନିଜର ପିତାମାତାଙ୍କୁ ହରାଇ ଅନୁତାପ କରେ । ପ୍ରାଚୀନ ପରମ୍ପରା ଓ ମୂଲ୍ୟବୋଧକୁ ପ୍ରତ୍ୟାଖ୍ୟାନ କରି ଆଧୁନିକ ଶିକ୍ଷାପ୍ରାପ୍ତ ଯୁବକ ପରବର୍ତ୍ତୀ ସମୟରେ କିପରି ଅନୁତପ୍ତ ହୋଇଛି, ତାହା ଏହି 'ପ୍ରାୟଶ୍ଚିତ' ଉପନ୍ୟାସରେ ବର୍ଣ୍ଣିତ ହୋଇଛି ।

ଫକୀର ମୋହନ ସେନାପତି ଜଣେ ମାନବ ବାଦୀ ଓ ସମାଜ ପ୍ରତିବଦ୍ଧ ଔପନ୍ୟାସିକ । ସେ ଜୀବନକୁ ନିରୀକ୍ଷଣ କରିଛନ୍ତି ଅନ୍ତରଙ୍ଗ ଭାବରେ । ସମାଜକୁ ଯେଉଁ ଦୃଷ୍ଟିରେ ଦେଖିଛନ୍ତି ଠିକେ ଠିକେ ସେ ସବୁକୁ ବର୍ଣ୍ଣନା କରିଛନ୍ତି ଉପନ୍ୟାସରେ । ତେଣୁ ତାଙ୍କ ଉପନ୍ୟାସରେ ଜୀବନର ବିଭିନ୍ନ ଦିଗ ପ୍ରତିଫଳିତ ହୋଇ ତା'ର ମୂଲ୍ୟବୋଧକୁ ସୂଚାଇଥାଏ । ତାଙ୍କ ଉପନ୍ୟାସର ମୂଲ୍ୟବୋଧ ଓ ସାମାଜିକ ପ୍ରତିବଦ୍ଧତାକୁ ନିମ୍ନରେ ବିଭିନ୍ନ ବିଭାଗୀକରଣ କରି ଖୋଜା ଯାଇପାରେ ।

**(୧) ଫକୀରମୋହନଙ୍କ ଉପନ୍ୟାସରେ ବାସ୍ତବତା :**

ଜୀବନକୁ ପ୍ରାଣଭରି ଭଲ ପାଉଥିବା ଫକୀର ମୋହନଙ୍କ ଉପନ୍ୟାସରେ ବାସ୍ତବତାର ଚିତ୍ର ରହିଛି । ସୂର୍ଯ୍ୟାସ୍ତ ଆଇନ୍ ଫଳରେ ବହୁ ଜମିଦାର ନିଜ ଜମିଦାରୀକୁ ହରେଇଛନ୍ତି ଓ ନବ୍ୟ ଜମିଦାର ଗୋଷ୍ଠୀର ଅଭ୍ୟୁଦୟ ହୋଇଛି ଓଡ଼ିଶାରେ । ଏହି ଅଜ୍ଞାନ କୁଳଶୀଳ ମାନେ ପ୍ରଜାପୀଡ଼କ ସାଜିଛନ୍ତି । ଯା'ର ମୂର୍ତ୍ତିମନ୍ତ ଦୃଷ୍ଟାନ୍ତ ହେଉଛି ରାମଚନ୍ଦ୍ର ମଙ୍ଗରାଜ ଓ ନାଜର ନଟବର । ଲୋକଙ୍କ ନିରୀହତାର ସୁଯୋଗ ନେଇ ଏହି ଚରିତ୍ର ଦ୍ୱୟ ନିଜ ଖଳବୁଦ୍ଧି ପ୍ରୟୋଗ କରିବା ସହିତ କ୍ଷମତାର ଅପବ୍ୟବହାର କରିଛନ୍ତି । ଏଥିପାଇଁ ଏମାନଙ୍କୁ ସାହାଯ୍ୟ କରିଛନ୍ତି କିଛି ଦୁଷ୍ଟ ଚରିତ୍ର । 'ଛ'ମାଣ ଆଠଗୁଣ୍ଠ' ରେ ମଙ୍ଗରାଜଙ୍କୁ ସହାୟତା କରିଛି ଚମ୍ପା । ଚମ୍ପାର ଉଦ୍ଦେଶ୍ୟ ଥିଲା ନିଜକୁ ସାଆନ୍ତାଣୀ ରୂପରେ ପରିଚିତ କରିବା । ସେ ନିଜକୁ ଯେଉଁ ପରି ଭାବରେ ସଜାଇ ରଖୁଥିଲା ଯେ ନ ଜାଣିଥିବା ଲୋକେ ତା'କୁ ଚାକରାଣୀ ନୁହେଁ; ବରଂ ସାଆନ୍ତାଣୀ ବୋଲି ଭାବୁଥିଲେ । ମଣିଷ ଯହିଁରେ ଆତ୍ମସନ୍ତୋଷ ପାଏ, ତାହା ଯଦି ତା'କୁ କେହି ଦେଇଦିଏ (ହେଉ ପଛେ ଭ୍ରମରେ), ତହିଁରେ ସେ ଖୁବ୍ ଆହ୍ଲାଦିତ ଓ ରୋମାଞ୍ଚିତ ହୋଇଉଠେ । 'ସାଆନ୍ତାଣୀ' ଡାକ ଶୁଣିବା ପାଇଁ ସେ ଅତ୍ୟନ୍ତ ଲାଳାୟିତ । ଗୋପାଳ ପୁର ଘାଟରେ ଗୋପୀ ସାହୁ ମୁହଁରୁ 'ସାଆନ୍ତାଣୀ' ଡାକ ଶୁଣି ଖୁସିରେ ତା'କୁ ନିଜ ପଣତକାନିରୁ ସୁଉକିଟିଏ ଫିଟାଇ ତା ପାଖକୁ ଫୋପାଡ଼ି ଦିଏ । ମଙ୍ଗରାଜର ଧର୍ମପତ୍ନୀ ସାଆନ୍ତାଣୀକୁ ମୃତ୍ୟୁ ମୁଖକୁ ଠେଲି ଦେବାକୁ ସେ ଟିକେ ହେଲେ ପଶ୍ଚାତ୍‌ପଦ ହୋଇନାହିଁ । ସାରିଆ ଭଗିଆର ଛ'ମାଣ ଆଠଗୁଣ୍ଠ ଜମିକୁ ମଙ୍ଗରାଜ ଅକ୍ତିଆର କରି ନେବାରେ ଚମ୍ପାର ରହିଛି ପ୍ରଚ୍ଛନ୍ନ ହାତ । ନିରୀହା ଓ ସରଳ ସାରିଆର ଦୁର୍ବଳତମ ସ୍ଥାନରେ ସେ ସ୍ପର୍ଶ କରିଛି । ନାରୀର ଇଚ୍ଛା ଥାଏ ଜନନୀଟିଏ ହେବାକୁ । ମାଆ ହେବାରେ ରହିଛି ନାରୀର ସାର୍ଥକତା । ତେଣୁ ସନ୍ତାନବତୀ ଓ ସୌଭାଗ୍ୟବତୀ ହେବା ପାଇଁ ମନ୍ଦିର ତୋଳିବାକୁ ସାରିଆକୁ ସେ ଫୁସୁଲେଇଛି । ତାଙ୍କ ଜମି କରଚ୍ଛଡ଼ା ହୋଇଯିବା ପରେ ଚମ୍ପାର ଆଖି ପଡ଼ିଛି ତାଙ୍କର ଦୁଧିଆଳୀ ଗାଈ ଉପରେ ।

'ଚମ୍ପା' ଭଳି ଚିତ୍ରକଳା ବି ନାଜର ନଟବରର ପୈଶାଚିକ କାର୍ଯ୍ୟକଳାପରେ ସହାୟତା କରିଛି 'ମାମୁଁ' ଉପନ୍ୟାସରେ । ତା'ର ରୂପ ଓ ବେଶଭୂଷା ଦେଖି ନୂଆ ଲୋକର ମନରେ ସାଆନ୍ତାଣୀର ଭ୍ରମ ସୃଷ୍ଟି ହୁଏ । ନିଜର ରୂପର ମାୟାରେ ଅନେକଙ୍କ ମନକୁ ସେ ଭୁଲେଇ ଦେଇପାରେ । ମାଛ ତେଲରେ ମାଛ ଭାଜିବା କୌଶଳରେ ସେ ନିଖୁଣା । ଚମ୍ପା ପରି ସେ ସେତେ ନିଷ୍ଠୁର ନୁହେଁ । ତା' ମନ ଭିତରେ ରହିଛି ବାତ୍ସଲ୍ୟ ମମତା । ନରୁବାବୁକୁ ବିଶାଖା ଦେଇ ଗାଳି ଦେଇ ଘରୁ ତଡ଼ି ଦେବାବେଳେ ଅନ୍ତରରେ କୋହ ଉଠିଛି । 'ଘୁଷୁରିଆଣୀଟା' ବୋଲି ମନକୁ ମନ କହିଛି ବିଶାଖା ଦେଇ ଉଦ୍ଦେଶ୍ୟରେ ।

ନଟବରର ପ୍ରରୋଚନାରେ ଚାନ୍ଦମଣିର ଅଳଙ୍କାର ପୋଟଳା ଚୋରେଇଛି ଚିତ୍ରକଳା । ଧନ ପ୍ରତି ଯିଏ ଆସକ୍ତ, ତା' ପାଖରେ ସମ୍ପର୍କର କିଛି ମୂଲ୍ୟ ନାହିଁ । ସେଥିପାଇଁ ସେ ପ୍ରିୟ ପରିଜନଙ୍କୁ ମଧ ଦାଣ୍ଡରେ ଠିଆ କରିପାରେ । ନଟବର ଯେଉଁ ଭାବରେ ନିଜ ବିଧବା ଭଉଣୀର ସର୍ବସ୍ୱ ଲୁଟି ନେଇଛି, ତାହା ଏହାର ସତ୍ୟତାକୁ ପ୍ରତିପାଦିତ କରେ ।

ଭଲନାରୀର ଗୁଣ କେତେବେଳେ ବି କାହାର ଅମଙ୍ଗଳ କାମନା କରିବା ନୁହେଁ । 'ଛଅ ମାଣ ଆଠଗୁଣ୍ଠ' ରେ ସାଆନ୍ତାଣୀ ଜଣେ ଦରଦୀ ମଣିଷ । ଅନ୍ୟର ଭୋକ ଓ ଯନ୍ତ୍ରଣାକୁ ସେ ସହ୍ୟ କରିପାରେ ନାହିଁ । ବିପଥଗାମୀ ସ୍ୱାମୀକୁ ଉତ୍ତମ ମାର୍ଗରେ ଆଣିବାର ବହୁ ଚେଷ୍ଟା ସତ୍ତ୍ୱେ ସେ ସଫଳତା ପାଇନାହିଁ ।

କୃତକର୍ମର ଫଳ ମଣିଷକୁ ଭୋଗିବାକୁ ପଡ଼େ । ମଙ୍ଗରାଜ ଓ ନଟବର ଜେଲ୍ ଯାଇଛନ୍ତି । ଜେଲ୍‌ରେ ଘଣା ପେଲିବା ବେଳେ ମଙ୍ଗରାଜକୁ ବିଧାଗୋଇଠା ମାଡ଼ ମାରିଛନ୍ତି ଡମମାନେ । କାରଣ ଦୋଷ ନ କରି ସୁଦ୍ଧା ସେମାନଙ୍କୁ ମଙ୍ଗରାଜ ଜେଲ ଦଣ୍ଡ

ଦିଆଇଛି । ଫଳରେ ନିର୍ଦ୍ଦୋଶ ମଣିଷ ମନରେ ପ୍ରଜ୍ୱଳିତ ହୋଇଛି ଘୃଣା ଓ କ୍ରୋଧ । ନିଜର ଦଶା ପାଇଁ ନିଜେ ଦାୟୀ, ତା'କୁ ସାମ୍ନାରେ ପାଇବା ପରେ ଅସମ୍ଭାଳ ହୋଇ ପଡ଼ିଛନ୍ତି ସେମାନେ ଓ ଜେଲ୍ ଭିତରେ ସୁଦ୍ଧା ତା'କୁ ମାଡ଼ ମାରି ନିଜର ଅରମାନ ମେଣ୍ଟାଇଛନ୍ତି ।

ଶିକ୍ଷାହୀନ ମଣିଷ ନିଜ ଗାଁରେ ସିନା ନିଜ କ୍ଷମତା ବଳରେ ଧରାକୁ ସରା ମନେ କରେ; କିନ୍ତୁ ଗାଁରୁ ବାହାରି ସହରକୁ ଗଲା ପରେ ନିଜ ତେଜ ହରାଇବସେ । ଅନେକ ଲୋକଙ୍କୁ ପ୍ରତାରିତ କରିଥିବା ମଙ୍ଗରାଜ ନିଜେ ପ୍ରତାରଣାର ଶିକାର ହୋଇଛି ସହରର ଜନୈକ ଓକିଲ ରାମରାମ ଲାଲା ଦ୍ୱାରା । ମହକିଲଙ୍କୁ ଓକିଲମାନେ ଶୋଷଣ କରୁଥିବାର ଚିତ୍ର ରହିଛି 'ଛଅମାଣ ଆଠଗୁଣ୍ଠ' ଉପନ୍ୟାସରେ ।

ଏବେ ବି ଅଜଣା ଲାସ୍‌କୁ ମେହେନ୍ତର ମାନେ ଦଉଡ଼ି ବାନ୍ଧି ଘୋଷାଡ଼ି ଘୋଷାଡ଼ି ନେଉଥିବା କଥା କେବେ କେମିତି ଶୁଣିବାକୁ ମିଳେ । ଚମ୍ପାର ହତ୍ୟା ପରେ ତା'ର ଲାସ୍‌କୁ ଏଭଳି ଘୋଷାଡ଼ି ନିଆଯାଇଛି ଓ ସେ ପିନ୍ଧିଥିବା ପାହୁଡ଼କୁ ବାହାର କରିବା ପାଇଁ କୁରାଢ଼ିର ସାହାଯ୍ୟ ନିଆଯାଇଛି ।

ଇତିହାସରୁ ଜଣାପଡ଼େ ଆଧୁନିକ ଶିକ୍ଷାପ୍ରାପ୍ତ ନବ୍ୟ ଓଡ଼ିଆ ଯୁବକ ନିଜର ପରମ୍ପରାକୁ ପ୍ରତ୍ୟାଖ୍ୟାନ କରି ସୁନା ହରିଣୀ ଲୋଭରେ ଧାଇଁଛନ୍ତି । ଏବେ ବି କିଛି ଯୁବକ ଶିକ୍ଷା ପାଇ ନିଜକୁ ପ୍ରତିଷ୍ଠିତ କରି ସାରିବା ପରେ ନିଜ ଜାତିର ସଂସ୍କୃତିକୁ ନାକଟେକି ଏକ ଲୋଭନୀୟ ସଭ୍ୟତା ଓ ସଂସ୍କୃତି ପ୍ରତି ଆକର୍ଷିତ ହୁଅନ୍ତି । ଏମାନଙ୍କ ମାନସିକତା ପ୍ରତିଫଳିତ ହୁଏ ଗୋବିନ୍ଦଚନ୍ଦ୍ର ଚରିତ୍ର ମାଧ୍ୟମରେ ।

ମୋଟାମୋଟି ଭାବରେ ଦେଖିବାକୁ ଗଲେ ବହୁ ବାସ୍ତବତାର ଚିତ୍ର ରହିଥିବା ଫକୀର ମୋହନଙ୍କ ଉପନ୍ୟାସ ମଣିଷର କଥା କହିଛି । ଚରିତ୍ର ଚିତ୍ରଣ ଓ ଘଟଣା ବର୍ଣ୍ଣନାର କୌଶଳରେ ଧୁରୀଣ ଶିଳ୍ପୀ ଫକୀର ମୋହନ ଜୀବନର ମୂଲ୍ୟବୋଧକୁ ବିମ୍ବିତ କରି ପାରିଛନ୍ତି । ଜୀବନର ମୂଲ୍ୟବୋଧ ଓ ସାମାଜିକ ପ୍ରତିବଦ୍ଧତା ତାଙ୍କ ଉପନ୍ୟାସରେ କିପରି ଫୁଟି ଉଠିଛି, ତାହା ନିମ୍ନରେ ଦେଖାଯାଉ ।

**(୨) ଫକୀର ମୋହନଙ୍କ ଉପନ୍ୟାସରେ ବିଧବାର ଜୀବନ ଓ ସମସ୍ୟା :**

ଫକୀର ମୋହନ ଜଣେ ସଚେତନ କଥାଶିଳ୍ପୀ । ସମାଜରେ ବିଧବାମାନଙ୍କର ଜୀବନ ଯନ୍ତ୍ରଣାକୁ ସେ ଗଭୀର ଭାବରେ ଅନୁଧ୍ୟାନ କରିଛନ୍ତି । ବବାହ ଦୃଷ୍ଟିରୁ ନାରୀକୁ ଦୁଇ ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ । ଗୋଟିଏ ଗୋଷ୍ଠୀ ହେଉଛି ସଧବା ଓ ଅନ୍ୟ ଗୋଷ୍ଠୀଟି ବିଧବା । ହିନ୍ଦୁ ସମାଜରେ ସଧବା ନାରୀ ମୁଣ୍ଡରେ ସିନ୍ଦୂର ଓ ହାତରେ ଶଙ୍ଖା ପିନ୍ଧିବା ସହିତ ସାଧ୍ୟମତେ ଅଳଙ୍କାର ଧାରଣ କରିଥାଏ; କିନ୍ତୁ ସ୍ୱାମୀର ମୃତ୍ୟୁ ପରେ ସେ ହୋଇଯାଏ ବିଧବା । ହାତରୁ ତା'ର ଭାଙ୍ଗି ଦିଆଯାଏ ଶଙ୍ଖା ଓ ମୁଣ୍ଡରୁ ପୋଛି ଦିଆଯାଏ ସିନ୍ଦୂର । ତା'କୁ ଅଳଙ୍କାର ଧାରଣ ସମ୍ପୂର୍ଣ୍ଣ ନିଷେଧ । ଯେତେ ଧନୀ ଘରର ନାରୀ ହେଉ କି ଦରିଦ୍ର ଘରର ନାରୀ ସମାଜର ଏହି ନୀତିକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିଥାଏ । ସେ ପିନ୍ଧେ ଧଳା ଶାଢ଼ି । ହବିଷ୍ୟାନ୍ନ ଭକ୍ଷଣ କରିବା ସହିତ ତାକୁ ପାଳନ କରିବାକୁ ହୁଏ ଏକାଦଶୀ । କୌଣସି ଶୁଭ ଓ ମାଙ୍ଗଳିକ କାର୍ଯ୍ୟରେ ସେ ଯୋଗ ଦେଇ ପାରେ ନାହିଁ । ତା' ମୁହଁ ଚାହିଁବା ଅମଙ୍ଗଳ ସୂଚକ ବୋଲି ସମାଜ ବିଚାର କରେ ।

ମଣିଷ ମାତ୍ରେ ସମାନ ନୁହନ୍ତି । ପ୍ରତ୍ୟେକଙ୍କ ମୂଲ୍ୟବୋଧରେ ପାର୍ଥକ୍ୟ ଆସିପାରେ । କେହି କେହି ବିଧବା ସମାଜର ଏହି ନୀତିନିୟମକୁ ଭ୍ରୂକ୍ଷେପ ନ କରି ନାନାଦି ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହନ୍ତି । କେତେକେ ପରିସ୍ଥିତିର ମୁକାବିଲା କରିବା ସକାଶେ ପ୍ରସ୍ତୁତ ହୁଅନ୍ତି ଓ କେତେକ ଅନ୍ୟର ସୁଖସୁବିଧା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦିଅନ୍ତି ।

ଫକୀର ମୋହନଙ୍କ ଉପନ୍ୟାସ ଗୁଡ଼ିକରେ ବିଧବାମାନଙ୍କର ଜୀବନ ଯନ୍ତ୍ରଣା, ତାଙ୍କ ଚାଲିଚଳଣ ଓ ସମସ୍ୟା ଚିତ୍ରିତ ହୋଇଛି । ବିଧବାପତ୍ନୀର ଅନ୍ତଃକରଣରେ ଥିବା ଦୁଃଖକୁ ବୁଝି ପାରିଛନ୍ତି ଫକୀରମୋହନ । ତାଙ୍କ ରଚିତ ଚାରିଗୋଟି ଉପନ୍ୟାସ ମଧ୍ୟରେ ସର୍ବାଧିକ ବିଧବା ଚରିତ୍ର 'ମାମୁଁ' ଉପନ୍ୟାସରେ ଦେଖିବାକୁ ମିଳେ । ସରସ୍ୱତୀ ଦେଈ, ଗେଲ୍ହେଇ ମଙ୍ଗଳା ଦେଈ, ମେନକା ଦେଈ ଓ ଚାନ୍ଦମଣି ପ୍ରଭୃତି ବିଧବା ଚରିତ୍ରମାନଙ୍କର ଯନ୍ତ୍ରଣା ଦଗ୍ଧ ଜୀବନକୁ ଔପନ୍ୟାସିକ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି ।

'ମାମୁଁ' ଉପନ୍ୟାସର ସରସ୍ୱତୀ ଦେଈ ଏକ ଉଜ୍ଜ୍ୱଳମୟ ବିଧବା ଚରିତ୍ର । ମାନବିକତାର ପରିପୂର୍ଣ୍ଣ ଗୁଣରେ ଗରୀୟସୀ । ତା' ସ୍ୱାମୀ କଲିକତାକୁ କାମ କରିବାକୁ ଯାଇ ଆଉ ଫେରିନାହିଁ । ଦୀର୍ଘଦିନ ହେବ ତା'ର କୌଣସି ଖୋଜ ଖବର ନ ମିଳିବାରୁ ବାଧ୍ୟରେ ସରସ୍ୱତୀ ଦେଈ ବୈଧବ୍ୟକୁ ଆଦରି ନେଇଛି । ତା'ର ସାହା ଭରସା କେହି ନଥିବାରୁ ନିଜର ଜମିବାଡ଼ି ଓ ଘରଦ୍ୱାର

ବିଜିବେଲ ସାନ ଭଉଣୀ ମେନକା ଦେଇ ଘରେ ନେଇଛି ଆଶ୍ରୟ । ନିଜେ ସନ୍ତାନ ଜନ୍ମ ନ କରି ମଧ୍ୟ ସାନ ଭଉଣୀର ସନ୍ତାନ ସନ୍ତତିକୁ ଆପଣାର କରି ନେଇଛି, ସେମାନଙ୍କୁ ମଣିଷ କରିବା ସକାଶେ ଉତ୍ସର୍ଗ କରି ଦେଇଛି ନିଜକୁ । ନିଜେ ସଞ୍ଚୟ କରିଥିବା ସମସ୍ତ ଟଙ୍କା ପଇସାକୁ ଚାନ୍ଦମଣିର ବିବାହ ସମୟରେ ଖର୍ଚ୍ଚ କରି ଚାନ୍ଦମଣି ସହିତ ତା' ସ୍ୱାମୀ ଘରକୁ ଚାଲି ଯାଇଛି । ନିଜର ସୁଗୁଣ ଓ ବ୍ୟବହାରରେ ଆକର୍ଷିତ କରି ନେଇଛି ଚାନ୍ଦମଣିର ସ୍ୱାମୀ ଘରର ସମସ୍ତଙ୍କୁ ।

ଅଶିକ୍ଷିତା ଗ୍ରାମ୍ୟବାସୀ ରେବେଲ୍ଲ ଜଣେ ସେବା, ସାହସ, ସଂଯମ ଓ ଶକ୍ତିର ମୂର୍ତ୍ତିମତୀ ଚରିତ୍ର । ସେ କେବେ ବି କାହା ପାଖରେ ହାତ ପତେଇ ନାହିଁ ।ବରଂ ସମସ୍ତଙ୍କ ସୁଖ ଦୁଃଖରେ ସେ ଠିଆ ହୁଏ । ଧାଇ ପଣ ସହିତ ସାମାନ୍ୟ ଚୁଣ୍ଟୁକା ଚୁଣିକି ଔଷଧ ମଧ୍ୟ ତା'କୁ ଜଣା । ଗାଁରେ ସ୍ତ୍ରୀମାନଙ୍କର କଳିଗୋଳ ହେଲେ ସେଠିକି ଯାଇ କଳିଗୋଳ ଭାଙ୍ଗେ । ସେ ଜଣେ ସାହସିନୀ ଓ ସ୍ନେହ ପ୍ରଦାୟିନୀ ନାରୀ । 'ଗ୍ରାମାଞ୍ଚଳର ଏହି ନାରୀ ସମସ୍ତଙ୍କର ଚିହ୍ନା ଜଣା । କେହି ତାକୁ ଭଲ ପାଏ, କେହି ତାକୁ ସ୍ନେହ କରେ, ତାହାର ପ୍ରଶଂସା ବେର ଲୋକଙ୍କଠାରୁ ଶୁଣାଯାଏ, ଭକ୍ତି ମଧ୍ୟ କେହି କେହି କରିଥାନ୍ତି । ତାକୁ ଡରିମରି ରହିବା ଲୋକର ମଧ୍ୟ ଅଭାବ ନାହିଁ । ପିଲା, ଜେଣ୍ଡିଆ ବା ବୁଢ଼ା ହେଉ, ମା, ଝିଅ ଜେଜୀ ବୁଢ଼ୀ ଭଳିଆ ହେଉ କାହାର ନୀତିଅନୀତି କଥା ଦେଖିଲେ ସେ ଏପରି ଗୋଟିଏ ଛଟା ମେଲିଦିଏ ଯେ, ଲୋକ ମରଣ ସନ୍ତୋଷ ହୋଇଯାଏ, ମାଡ଼ଠାରୁ ବଳି ପଡ଼େ, ଲୋକଟା ଗାଁରେ ମୁଣ୍ଡଟେକି ପାରେ ନାହିଁ । (୬)

ବିଧବା ଚାନ୍ଦମଣି ପ୍ରତାରିତ ଓ ଶୋଷିତ ହୋଇଛି ନିଜ ଭାଇ ଦ୍ୱାରା । ସ୍ୱାମୀର ଜମିଦାରୀ ତା' ନାମରେ ହୋଇଥିଲେ ବି ପ୍ରକୃତ ମାଲିକ ହେଉଛି ପ୍ରତାରକ ଓ ଧୂର୍ତ୍ତ ଭାଇ ନଟବର । ବିଧବା ହୋଇଯିବା ପରେ ନାରୀଟିଏ ଅସହାୟ ହୋଇଉଠେ । ସେ ଭରସା କରେ ନିଜ ସମ୍ପର୍କୀୟମାନଙ୍କ ଉପରେ । କିନ୍ତୁ ତା'ର ଅସହାୟତାର ଫାଇଦା ନିଅନ୍ତି ଖଳ ପ୍ରକୃତିର ନଟବର ଭଳି ରକ୍ତ ସମ୍ପର୍କୀୟମାନେ ।

ଔପନ୍ୟାସିକ ଫକୀର ମୋହନ ଜଣେ ମାନବବାଦୀ କଥାକାର । ଚରିତ୍ର ସହିତ ଏକାତ୍ମ ହୋଇ ଜୀବନକୁ ଉପଲବ୍ଧି କରନ୍ତି । ସମାଜରେ କିଭଳି ବିଧବାମାନଙ୍କର ଜୀବନ ଧାରଣ ରହିଛି, ସେସବୁକୁ ଗଭୀର ଭାବରେ ସେ ଅନୁଧ୍ୟାନ କରି ନିଜ ସୃଷ୍ଟିରେ ଚିତ୍ରଣ କରିଛନ୍ତି । ଫଳରେ ତାଙ୍କ ସୃଷ୍ଟି ହୋଇଉଠିଛି ଜୀବନ୍ତ ।

(୩) ଫକୀରମୋହନଙ୍କ ଉପନ୍ୟାସରେ ସମକାଳୀନ ସାମାଜିକ ଜୀବନ :

ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ ବ୍ୟକ୍ତି ଓ ସମାଜ ପରସ୍ପର ପରିପୂରକ । ଗୋଟିଏର ଅଭାବରେ ଅପରଟି ପରିପୂର୍ଣ୍ଣତା ଲାଭ କରିପାରେ ନାହିଁ । ସମାଜକୁ ବାଦ୍ ଦେଇ ବ୍ୟକ୍ତିର ଜୀବନର କୌଣସି ଅର୍ଥ ନାହିଁ । ଠିକ୍ ସେମିତି ବ୍ୟକ୍ତି ବ୍ୟତିରେକ ସମାଜର ଚିନ୍ତା ହିଁ କରିବା ଦୁରୁହ ବ୍ୟାପାର । ଫକୀରମୋହନଙ୍କ ଉପନ୍ୟାସର ଲକ୍ଷ୍ୟ ହେଉଛି ବ୍ୟକ୍ତିର ଜୀବନ ଓ ସମାଜ ଚିତ୍ରଣ ।

ବ୍ୟକ୍ତି ସମାଜରେ ଜନ୍ମ ନିଏ ଓ ସମାଜରେ ହିଁ ମୃତ୍ୟୁ ଲଭେ । ସମାଜକୁ ଛାଡ଼ି ବଞ୍ଚିବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ନୁହେଁ । 'ଲଛମା' ଉପନ୍ୟାସରେ ଦେଖିବାକୁ ମିଳେ ଉତ୍କଳୀୟ ସମାଜର ଚିତ୍ର । ୧୭୪୦ ଖ୍ରୀଷ୍ଟାବ୍ଦରେ ଅଲିବର୍ଦ୍ଦି ଖାଁ ବଙ୍ଗ, ବିହାର ଓ ଓଡ଼ିଶାରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ଦ୍ୱାରା ଓଡ଼ିଶାର ଭାଗ୍ୟରେ ଦେଖାଦେଇଛି କଳାମେଘ । ମୁସଲମାନ ଓ ବର୍ଗୀମାନଙ୍କର ନିରବଚ୍ଛିନ୍ନ ସଂଗ୍ରାମରେ ଅକଳନୀୟ ପିଡ଼ା ଅନୁଭବ କଲା ଓଡ଼ିଶା । ଏହାର ପୃଷ୍ଠ ଭୂମିରେ ଗଢ଼ି ଉଠିଛି 'ଲଛମା' ଉପନ୍ୟାସ । ଏହି ଉପନ୍ୟାସର ମୁଖ୍ୟ ନାୟିକା ଲଛମା ନିଃସହାୟ ହୋଇଥିବା ବେଳେ ଏହି ସମାଜ ଦେଇଛି ତାକୁ ଆଶ୍ରୟ । ରାଇବଣିଆ ଦୁର୍ଗର ଦୁର୍ଗାଧିପତି ମାନଧାତା ଓ ତାଙ୍କ ପତ୍ନୀ ନିଜ ପାଖରେ ଆଶ୍ରୟ ଦେଇ କନ୍ୟାବତ୍ ସ୍ନେହ-ସୁଖ ଦେଇଛନ୍ତି ।

'ଛଅମାଣ ଆଠଗୁଣ୍ଠ' ଉପନ୍ୟାସରେ ନିରୀହ ପ୍ରଜା ଶୋଷଣର ଶିକାର ହୋଇଛନ୍ତି । 'ମାମୁ' ଉପନ୍ୟାସରେ ବି ଏଭଳି ଶୋଷଣର ଚିତ୍ର ଦେଖିବାକୁ ମିଳେ । ବ୍ୟକ୍ତିଗତ ଜୀବନରେ ଦେଓ୍ୱାନ ଥିବା ଫକୀରମୋହନ ଜୀବନରେ ବହୁ ଜମିଦାର ଓ ବୃହତ୍ତର ପ୍ରଜାକୁଳକୁ ଦେଖିଛନ୍ତି । ପରିଣତ ବୟସରେ ସେ ଉପନ୍ୟାସ ସୃଷ୍ଟିମନସ୍କ ହେବା ବେଳେ ସେସବୁ ଉତୁରି ଆସିଛି ଉପନ୍ୟାସକୁ ଓ ଶ୍ରୀମଣ୍ଡିତ କରିଛି ।

ତତ୍କାଳୀନ ସମୟର ଜମିଦାରୀ ଶାସନରେ ସମାଜ କିପରି ଶୋଷିତ ଓ ପୀଡ଼ିତ ହୋଇଚି ତା'ର ପ୍ରତିନିଧିତ୍ୱ କରନ୍ତି ଭଗିଆ ସାରିଆ ଭଳି ଚରିତ୍ରମାନେ । ସେମାନେ ସର୍ବସ୍ୱ ହରାଇ ଦୁସ୍ଥ ଜୀବନ ନିର୍ବାହ କରନ୍ତି । ଏତେ ଭୟଙ୍କର ଯନ୍ତଣା ଲଭିଥିବା ସାତ୍ତ୍ୱେ ତତ୍କାଳୀନ ସମାଜରେ ସାହସିକତାକୁ କମ୍ ଗୁରୁତ୍ୱ ଦିଆଯାଇନାହିଁ । ଭଗିଆ ନାକ କାମୁଡ଼ି ରକ୍ତାକ୍ତ କରିଦେଇଛି

ମଙ୍ଗରାଜଙ୍କୁ । ସମାଜରେ ଦଳିତ ହୋଇ ବଞ୍ଚୁଥିବା ତମମାନେ ତାଙ୍କ ଉପରେ କରାଯାଇଥିବା ଅନ୍ୟାୟକୁ ଭୁଲି ପାରି ନାହାନ୍ତି । ଫଳତଃ ସମୟକ୍ରମେ ତାଙ୍କ ସହିତ ଘଣା ପେଲୁଥିବା ରାମଚନ୍ଦ୍ରକୁ ବିଧା ଗୋଇଠା ମାରି ନିଜ ଭିତରେ ଥିବା କ୍ରୋଧକୁ ପ୍ରଶମିତ କରିଛନ୍ତି ।

ଆଧୁନିକ ଶିକ୍ଷାପ୍ରାପ୍ତ ଯୁବ ସମାଜ ଭୁଲିଯାଇଛି ନିଜର ପରମ୍ପରା ଓ ସଂସ୍କୃତି । ଏସବୁକୁ ପୁରୁଣାକାଳିଆ ଧାରା ଭାବି ପାଶ୍ଚାତ୍ୟ ସଭ୍ୟତାର ମୋହରେ ଅନ୍ଧ ହୋଇଛି । ନିଜ ଇଚ୍ଛାରେ ଜୀବନସାଥୀ ବାଛିବାକୁ ଚାହିଁଛି ନଟବର । ନିଜ ସମ୍ପର୍କୀୟମାନେ ତା' ପାଖରେ ତୁଚ୍ଛ ହୋଇଯାଇଛନ୍ତି । ନିଜ ବିଧବା ଭଗ୍ନୀକୁ ଦୁଃସମୟରେ ସାହା ହେବା ଦୂରେ ଥାଉ ଷଡ଼ଯନ୍ତ୍ର କରି ତା'ର ସମସ୍ତ ସମ୍ପତ୍ତିକୁ ନିଜର ଅକ୍ତିଆରରେ ଆଣିଛି ନଟବର । ନବ୍ୟ ଶିକ୍ଷିତ ଗୋଷ୍ଠୀ ଯୁବରୁଚି ସହିତ ତାଳଦେଇ ଚାଲୁଚାଲୁ ଅସାବଧାନତା ବଶତଃ ବହୁ ବିପଦର ସମ୍ମୁଖୀନ ହୋଇଛନ୍ତି ଏବଂ ସମାଜର ଚଳନ୍ତି ଧାରାରୁ କିଭଳି ବିଚ୍ଛିନ୍ନ ହୋଇ ଯାଇଛନ୍ତି ସେସବୁକୁ ଔପନ୍ୟାସିକ ବର୍ଣ୍ଣନା କରିଛନ୍ତି ।

ତତ୍‌କାଳୀନ ସମାଜରେ ମୁଖ୍ୟତଃ ଦୁଇଗୋଷ୍ଠୀକୁ ଦେଖିବାକୁ ମିଳେ ଫକୀର ମୋହନଙ୍କ ଉପନ୍ୟାସରେ । ଗୋଟିଏ ଗୋଷ୍ଠୀ ଶୋଷିତ ଓ ଅନ୍ୟଟି ଶୋଷକ । ମଙ୍ଗରାଜ ଓ ନଟବର ଭଳି ଶୋଷକମାନେ ନିରୀହ ଓ ସରଳ ଜନସାଧାରଣଙ୍କୁ ଶୋଷଣ କରନ୍ତି । ଭଗିଆ, ସାରିଆ, ଚାନ୍ଦମଣି ଭଳି ନିରୀହ ଓ ସରଳ ଜନସାଧାରଣ ଶୋଷିତ ହୋଇ ଅକଥନୀୟ ଯନ୍ତ୍ରଣାର ଶିକାର ହୁଅନ୍ତି । ଯୁଗେ ଯୁଗେ ସମାଜରେ ସୈତାନୀ ଓ ଦେବତ୍ୱ ସ୍ୱଭାବର ବ୍ୟକ୍ତି ବିଶେଷ ଅଛନ୍ତି । ଏମାନଙ୍କ ମଧ୍ୟରେ ସଂଗ୍ରାମ ହେଲେ ଦେବତ୍ୱ ସ୍ୱଭାବର ଲୋକେ ବିଶେଷ କ୍ଷତିଗ୍ରସ୍ତ ହୁଅନ୍ତି । କିନ୍ତୁ ସବୁଠାରୁ ବଡ଼ ବଳବାନ୍ ହେଉଛି ସମୟ । ସମୟ ତା'ର ଉଚିତ୍ ଜବାବ୍ ଦିଏ । ମଙ୍ଗରାଜ ଭଳି ଚରିତ୍ରମାନେ ପରିଣତିରେ କାଙ୍ଗାଳ ହୋଇ ଅକଥନୀୟ ଦୁଃଖ ଯନ୍ତ୍ରଣାରେ ଛଟ୍‌ପଟ୍ ହୁଅନ୍ତି ।

**(୪) ଫକୀର ମୋହନଙ୍କ ଉପନ୍ୟାସରେ ଭୂମି ମୋହ :**

ମାଟିର ମୋହ ଏଡ଼ାଇ ପାରେନା ମଣିଷ । ମାଟିର ମୋହରେ ଅନ୍ୟର ଜୀବନ ନେବାକୁ ସେ କୁଣ୍ଠା କରେ ନାହିଁ କିମ୍ବା ନିଜ ଜୀବନକୁ ମଧ୍ୟ ସେ ବାଜି ଲଗାଇ ଦେଇପାରେ । ପ୍ରାଚୀନ ସାହିତ୍ୟଠାରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ସର୍ବତ୍ର ଏହି ମାଟିର ମୋହ ପ୍ରକାଶ ପାଇଛି । ମାଟି ପାଇଁ ମହାଭାରତରେ ରକ୍ତର ନଦୀ ବହି ଯାଇଛି । ବାସ୍ତବିକ ଜୀବନରେ ମଧ୍ୟ ମାଟି ପକାଶେ ସଂଗ୍ରାମ ଚାଲିଛି । କି ସହର କି ପଲ୍ଲୀ, କି ଶିକ୍ଷିତ କି ଅଶିକ୍ଷିତ ମାଟିର ମୋହରେ ସମସ୍ତେ ଆଉଟୁ ପାଉଟୁ । ସମସ୍ତଙ୍କ ମଧ୍ୟରେ ଭୂମି ବଢ଼େଇବାର କାମନା ରହିଥାଏ ।

ଜମିଦାରୀ ଗ୍ରହଣ କରିବା ପରେ ମଙ୍ଗରାଜ ଚାଲିଛି ନିଜ ସମ୍ପତ୍ତି ବଢ଼େଇବାକୁ । ମହାଜନୀର କାରବାର ଓ ଦେଢ଼ା ଧାନ ଲଗେଇ ତା'ର ସମ୍ପତ୍ତିର ପରିଧିକୁ ସମ୍ପ୍ରସାରିତ କରିଛି । ଭଗିଆର ଜମି ଉପରେ ତା' ନଜର ପଡ଼ିଛି । ଛଳେବଳେ ତା'କୁ ନିଜର କରିବା ପାଇଁ ସେ ଚାହିଁଛି ଓ ତହିଁରେ ସଫଳ ହୋଇଛି । ଅପର ପକ୍ଷରେ ନିଜ ଜମିକୁ ହରେଇବସି ସାରିଆ ଭଗିଆ ହୋଇଯାଇଛନ୍ତି କାଙ୍ଗାଳ, ପାଲଟି ଯାଇଛନ୍ତି ପାଗଳ । ନଟବରର ଲୋଭ ବି କମ୍ ନୁହେଁ । ଭିଣୋଇର ଅକାଳ ବିୟୋଗରେ ସେ ତା'ର ଅସହାୟ ଭଉଣୀ ଓ ବାପ ଛେଉଣ୍ଡ ଭଣଜାମାନଙ୍କର ଅଧିକାରକୁ ଛଡ଼େଇ ନେଇଛି ।

ମୁସଲମାନ ଓ ବର୍ଗୀମାନଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ଚାଲିଛି । ମରହଟ୍ଟାମାନେ ବାହୁବଳରେ ଜୟ କରି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ରାଜ୍ୟ । ଉତ୍କଳୀୟମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ଖାସ୍ ମାଟିର ମୋହରେ ପଡ଼ି ରହିଛନ୍ତି । ଏ ମାଟିର ମୋହ ଦୁର୍ବିବାର । ଏଥିରୁ ମୁକୁଳିବାର ଅବକାଶ ନାହିଁ ମଣିଷ କ୍ଷେତ୍ରରେ । ମାଟି ଓ ମଣିଷକୁ ଏକାନ୍ତ ଭାବରେ ଭଲ ପାଉଥିବା ଔପନ୍ୟାସିକ ଫକୀର ମୋହନଙ୍କ ଉପନ୍ୟାସରେ ତେଣୁ ମାଟିର ବାସ୍ନା ଖୁବ୍ କମ୍ ବାରି ହୋଇପଡ଼େ । ଜୀବନରେ ମାଟିର ମୋହ ଯେ ଖୁବ୍ ବେଶି ଏହାକୁ ଅସ୍ୱୀକାର କରାଯାଇ ନ ପାରେ ।

**(୫) ଫକୀର ମୋହନଙ୍କ ଉପନ୍ୟାସରେ ସହରୀ ଜୀବନ :**

ନବ୍ୟ ଶିକ୍ଷିତ ଗୋଷ୍ଠୀର ସହର ଜୀବନ ଓ ସଭ୍ୟତା ପ୍ରତି ରହିଥିବା ଆସକ୍ତିକୁ ଦେଖ ଅନୁଭବ କରିହୁଏ ଫକୀର ମୋହନଙ୍କ ଉପନ୍ୟାସରେ । ଗ୍ରାମର ଶାନ୍ତ କୋମଳ ପରିବେଶ ଅପେକ୍ଷା ସହରୀ ଚାକଚକ୍ୟ ପ୍ରତି ବେଶି ମାତ୍ରାରେ ଆକର୍ଷିତ ହୁଏ ନବ୍ୟ ଶିକ୍ଷିତ ସମାଜ । ଶିକ୍ଷା ପ୍ରାପ୍ତି ପରେ ଗାଁ ମାଟି ପ୍ରତି ଥିବା ମମତାର ଡୋରିକୁ ଛିନ୍ନ କରି ସହରର ଧୂଆଁମୟ ପରିବେଶରେ ଖୋଜେ ନିଜର ଜୀବନ । ଗୋଟେ ମୃଗତୃଷ୍ଣା ପଛରେ ଧାବମାନ କଲା ଭଳି ପ୍ରତ୍ୟୟ ହୁଏ ।

ଏଣ୍ଟ୍ରନ୍ସ୍ ପାଶ କରିବା ପରେ ସହରରେ ରୁହେ ନଟବର ।

ସେଠିକାର ପରିବେଶରେ ନିଜକୁ ଖାପ ଖୁଆଇବା ପାଇଁ ନାନାଦି ସହରୀ କାର୍ଯ୍ୟକୁ ଅନୁକରଣ କରେ । ବିଭିନ୍ନ ଫନ୍ଦି ଫିସାଦୀରେ ସେ ମାତି ଉଠେ । ପିତୃତୁଲ୍ୟ ଡଃ ହଡସନ୍ ସାହେବଙ୍କୁ ସତମିଛ କହି ଭୁଲାଇ, ନିଜ ବିଧବା ଭଉଣୀ ନାମରେ ଉଠାଇ ନିଏ ଜମିଦାରୀକୁ । ସେ ଏତେ ଧୂର୍ତ୍ତ ଥାଏ ଯେ ଭଉଣୀକୁ ନାମମାତ୍ର ମାଲିକାନୀ କରି ନିଜକୁ ଅସଲ ମାଲିକ କରିଥାଏ । ତା' ମନରୁ ଦୟା-ମାୟା ସବୁ ଚାଲି ଯାଇଛି । ଭଉଣୀ ଓ ଭଣଜାମାନଙ୍କୁ ପ୍ରତାରଣା ଦେଇ ନିଜ ସ୍ୱାର୍ଥ ପୂର୍ତ୍ତିରେ ମନୋନିବେଶ କରେ । ସେ ଭୁଲି ଯାଇଥାଏ ମାନବିକ ମୂଲ୍ୟବୋଧ । ପ୍ରଜା ପୀଡ଼କ ଭାବରେ ଅର୍ଜନ କରେ କୁଖ୍ୟାତି । ଚନ୍ଦ୍ରକଳା ନାମ୍ନୀ ଏକ ଚରିତ୍ରହୀନା ସହିତ ସମ୍ପର୍କ ସ୍ଥାପନ କରି ନିଜ ଧର୍ମ ପତ୍ନୀ ପାଖରେ ମିଥ୍ୟାର ଆଶ୍ରୟ ନିଏ ।

ସହରୀ ଜୀବନ ବଞ୍ଚୁଥିବା ଓକିଲ ରାମରାମ ଲାଲା ପାଖରେ ନୈତିକତାର ଘୋର ଅଭାବ । ସେ ପ୍ରତାରଣା କରେ ମଙ୍ଗରାଜଙ୍କୁ । ମଙ୍ଗରାଜ ଅଶିକ୍ଷିତ ଥିବା ସତ୍ତ୍ୱେ ତା'ର ବୁଦ୍ଧିବଳ କିଛି କମ୍ ନଥିଲା । ଏପରି ଜଣେ ଧୂର୍ତ୍ତ ବ୍ୟକ୍ତିକୁ ଯିଏ ଠକି ଦେଇପାରେ ତା'ର ଧୂର୍ତ୍ତତା ଯେ କେତେ ବେଶି କଳନା କରାଯାଇ ନ ପାରେ ।

**ନିଷ୍କର୍ଷ :**

'ଫକୀର ମୋହନ ହେଉଛନ୍ତି ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ସେନାପତି ଓ ପ୍ରଥମ କ୍ରାନ୍ତି । ଓଡ଼ିଶାର ଦୀର୍ଘ ଦୁଇ ଶହ ବର୍ଷର (୧୭୨୦-୧୯୨୦), ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଐତିହାସିକ ଚିତ୍ର ସେ ତାଙ୍କ ସାହିତ୍ୟରେ ପ୍ରସ୍ଫୁଟିତ କରିଛନ୍ତି । ଫକୀର ମୋହନଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ଓଡ଼ିଆ ଗଣମାନସର ଜୀବନ୍ତ ଓ ବାସ୍ତବ ରୂପ ଯେପରି ପ୍ରତିଫଳିତ ହୋଇଛି ତାହା ସମଗ୍ର ପ୍ରାନ୍ତୀୟ ଭାରତୀୟ ସାହିତ୍ୟରେ ଅନନ୍ୟ ।' (୭) ତାଙ୍କ ଉପନ୍ୟାସ ସମୂହରେ ମଣିଷ ଜୀବନର ଚିତ୍ର ପ୍ରତିଫଳିତ ହୋଇଛି । ସେ ଜଣେ ସମାଜ ସଂସ୍କାରକ । ସମାଜ ପ୍ରତିବଦ୍ଧତା ତାଙ୍କୁ ଜଣେ ସଫଳ କଥାକାର କରି ପାରିଛି । ମଣିଷ ଓ ସମାଜକୁ ନେଇ ସେ ଯେଉଁ ଚାରିଗୋଟି ଉପନ୍ୟାସ ରଚନା କରିଛନ୍ତି ତାହାର ମୂଲ୍ୟବୋଧ ଅପ୍ରମିତ । ଯେଉଁ ଉପନ୍ୟାସ ମୂଲ୍ୟବୋଧ ରହିତ ତାହାର ପାଠକୀୟ ଆବେଦନ ସାମୟିକ । ଏହି ଦୃଷ୍ଟିରୁ ବିଚାର କଲେ ଫକୀର ମୋହନଙ୍କ ଉପନ୍ୟାସ ସମୂହ ଯୁଗଚେତନାକୁ ପ୍ରତିପାଦିତ କରି ପାରିଛି । 'ଫକୀର ମୋହନ ସେନାପତି ଜନ୍ମ ଗ୍ରହଣ କଲାବେଳକୁ ଓଡ଼ିଶା ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପନୀତ । ସେହିପରି ଫକୀର ମୋହନଙ୍କ ଦୁଃଖର ଜୀବନଯାତ୍ରା ସାଙ୍ଗକୁ ଓଡ଼ିଶାର ବିପର୍ଯ୍ୟୟ ମଧ୍ୟ ଲାଗି ରହିଥିଲା । ଚିର ଅବହେଳିତ ଉତ୍କଳର ପରାଧୀନତା, ଇଂରେଜମାନଙ୍କ ମନମୁଖୀ ଶାସନ ସାଙ୍ଗକୁ ପଡ଼ୋଶୀ ବଙ୍ଗବାସୀମାନଙ୍କର ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ, ଅରାଜକତା, ନଅଙ୍କ ଦୁର୍ଭିକ୍ଷ ଆଦି ଯେପରି ଫକୀର ମୋହନଙ୍କ କାଳର ସବୁଦିନିଆ ସାଥି ହୋଇର ରହି ଯାଇଥିଲେ । ଓଡ଼ିଶାର ଅବସ୍ଥା ପରି ଫକୀର ମୋହନଙ୍କ ଅବସ୍ଥା ମଧ୍ୟ ଥିଲା ସଂଘର୍ଷ-ସଂଘାତମୟ । ତେଣୁ ନିଜ ଜୀବନର ବ୍ୟଥା ଦେଇ ସେ ଉତ୍କଳର ଯେଉଁ ବ୍ୟାଥାତୁର ଇତିହାସକୁ ତାଙ୍କ ଉପନ୍ୟାସମାନଙ୍କରେ ପ୍ରକାଶ କରିଗଲେ ତାହା ହିଁ ତାଙ୍କ କାଳର ମୁକ୍ତଚିତ୍ର ପ୍ରକାଶ କରିଛି । (୮)


୧. ମହାନ୍ତି ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର, 'ଫକୀର ମୋହନଙ୍କ ସାହିତ୍ୟରେ ଦେଶାତ୍ମବୋଧର ଚିତ୍ର ; ଯୁଗ ପୁରୁଷ ଫକୀର ମୋହନ, ସମ୍ପାଦକ : ସାରଳା ସାହିତ୍ୟ ସଂସଦ, ବିନୋଦ ବିହାରୀ କଟକ-୨, ୧ମ ପ୍ରକାଶ - ୧୯୯୩, ପୃଷ୍ଠା : ୫୮ ।

୨. ତତ୍ରୈବ, ପୃଷ୍ଠା - ୬୫

୩. ଫକୀର ମୋହନ ସେନାପତି ଉପନ୍ୟାସ ସମଗ୍ର, ସମ୍ପାଦକ : କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, ବାଲୁବଜାର, କଟକ, ୨ୟ ମୁଦ୍ରଣ - ୨୦୧୦, ପୃ : ୭୩ ।

୪. ତତ୍ରୈବ, ପୃଷ୍ଠା - ୧୧୬ ।

୫. ମିଶ୍ର, ଡ. ସଂଘମିତ୍ରା, ଛ'ମାଣ ଆଠଗୁଣ୍ଠ : ଏକ ପାଠକୀୟ ଅନୁଚିନ୍ତା; ଯୁଗପୁରୁଷ ଫକୀର ମୋହନ, ସମ୍ପାଦକ : ସାରଳା ସାହିତ୍ୟ ସଂସଦ, ବିନୋଦ ବିହାରୀ କଟକ - ୨, ୧ମ ପ୍ରକାଶ - ୧୯୯୩, ପୃଷ୍ଠା-୧୮୦

୬. ଫକୀର ମୋହନ ସେନାପତି ଉପନ୍ୟାସ ସମଗ୍ର, ପୃ:୨୮୦ ।

୭. ତତ୍ରୈବ

୮. ଷଡଙ୍ଗୀ ଡ.ନୃସିଂହ, ଓଡ଼ିଶାର ଉପନ୍ୟାସ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧ମ ସଂସ୍କରଣ - ୧୯୮୯, ପୃଷ୍ଠା : ୧୫୫ ।


******


ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଓଡ଼ିଆ ବିଭାଗ, ପୋ.ବୁର୍ଲା-୭୬୮୦୧୯